KOYAL Series
Samagra Shiksha, Odisha
2019-20


ଗିଜୁଭାଇଙ୍କ ଫୁଲପେଣ୍ଡା– ୮

# ବେଦମ୍ ବେଦୁମା

## ଗିଜୁଭାଇ ବଧେକା

ଅନୁବାଦ
ମନୋରମା ବିଶ୍ୱାଳ ମହାପାତ୍ର

ପ୍ରସ୍ତୁତି ଓ ଚିତ୍ରାଙ୍କନ
ଆବିଦ ସୁରଟୀ






ISBN 978-81-237-5908-1
ପ୍ରଥମ ସଂସ୍କରଣ 2010
ପୁନର୍ମୁଦ୍ରଣ 2020 (ଦୁଇ ଥର) (ଶକାବ୍ଦ 1942)
ଓଡ଼ିଆ ଅନୁବାଦ © ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ
Original : Bedam Beduma (*Hindi*)
Translation : Bedam Beduma (*Odia*)
₹ 70.00
ନିର୍ଦ୍ଦେଶକ, ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ
ନେହେରୁ ଭବନ, 5 , ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଫେଜ୍ – II
ବସନ୍ତକୁଞ୍ଜ, ନୂଆ ଦିଲ୍ଲୀ – 110070 କର୍ତ୍ତୃକ ପ୍ରକାଶିତ
Website : www.nbtindia.gov.in

ନେହେରୁ ବାଳ ପୁସ୍ତକାଳୟ

ଗିଜୁଭାଇଙ୍କ ଫୁଲପେଣ୍ଡା– ୮

# ବେଦମ୍ ବେଦୁମା





## ଗିଜୁଭାଇ ବଧେକା

ଅନୁବାଦ
ମନୋରମା ବିଶ୍ୱାଳ ମହାପାତ୍ର

ପ୍ରସ୍ତୁତି ଓ ଚିତ୍ରାଙ୍କନ
ଆବିଦ ସୁରତୀ


nbt.india
एकः सूते सकलम्

ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ



ମିଛ ମିଛିକା

ମନମୋଟିଆ କାଉ

ବୁଢୀର ବିପତ୍ତି

ଖାଦ୍ୟ ଲୋଭୀ କଟୋରୀ

ମୁଁ ଜଣେ ବଲୁଆ ପୋଲିସବାଲା

ପୋଖତ ମଣିଷ

ଭାଗ୍ୟର ବିଡ଼ମ୍ବନା

ପନ୍ନୀ, ତୁ ସଭିଙ୍କର କାନ ଦେଲୁ କାଟି

ବେଦମ୍ ବେଦୁମା

ଉଛମନା ଭଉଣୀ

ବକ୍‌ବକ୍

# ମିଛ ମିଛିକା

ଗୋଟାଏ ମିଛ ସହର ଥିଲା । ସେଠାରେ ତିନିଜଣ ରାଜକୁମାର ରହୁଥିଲେ ।
ଦୁଇଜଣ ଜନ୍ମ ହୋଇନଥିଲେ ଏବଂ ତୃତୀୟ ଜଣକର ଜନ୍ମ ହେବାର ନ ଥିଲା ।
ତିନି ଜଣ ଯାତ୍ରା ପାଇଁ ବାହାରିଲେ । ରାସ୍ତାରେ ତିନୋଟି ଆମ୍ବଗଛ ଥିଲା ।
ଦୁଇଟା ଉଭେଇ ଯାଇଥିଲା ଏବଂ ତୃତୀୟଟି ମାଟି ଉପରେ ବି ନଥିଲା ।
ତା ଛାଇରେ ରାଜକୁମାର ତିନିଟା ଆମ୍ବ ଖାଇବାକୁ ବସିଲେ ।
ଦୁଇଟା ଆମ୍ବରେ ରସ ନ ଥିଲା ତୃତୀୟଟିର ଟାକୁଆ ନ ଥିଲା ।
ରାଜକୁମାର ଆଗକୁ ଚାଲିଲେ । ବାଟରେ ତିନୋଟି ନଈ ପଡ଼ିଲା ।
ଦୁଇଟା ନଈ ଶୁଖି କାଠ ହୋଇଯାଇଥିଲା । ତୃତୀୟଟିରେ ଗୋଡ଼ିବାଲି କିଛି ବି ନଥିଲା ।
ରାଜକୁମାର ଗୋଟିଏ ଗାଁରେ ପହଞ୍ଚିଲେ । ସେଠାରେ ତିନୋଟି ପ୍ରାସାଦ ଥିଲା ।
ଦୁଇଟା ପ୍ରାସାଦର ଦ୍ୱାର ଭାଙ୍ଗିଯାଇଥିଲା । ତୃତୀୟଟିର ଚଟାଣ ବି ନ ଥିଲା ।
ସେଠାରେ ଗୋଟିଏ ଚୁଲି ଥିଲା । ଚୁଲିରେ ତିନୋଟି ଲଡୁ ତିଆରି ହୋଇଥିଲା ।
ଦୁଇଟାରେ ଚିନି ପଡ଼ି ନ ଥିଲା ତୃତୀୟଟିର ଆକାର ଗୋଲ ନଥିଲା ।
ରାଜକୁମାର ତିନିଜଣ ପଣ୍ଡିତଙ୍କୁ ଘରକୁ ନିମନ୍ତ୍ରଣ କଲେ ।
ଦୁଇଜଣ କିନ୍ତୁ ଖାଇ ନଥିଲେ । ତୃତୀୟ ଜଣକର ମୁହଁ ମଧ୍ୟ ନଥିଲା ।
ମୁହଁ ନଥିବା ପଣ୍ଡିତ ଜଣକ ତିନିଟି ଲଡୁ ଖାଇଦେଲେ ।
ଆଉ ଅନ୍ୟ ପଣ୍ଡିତମାନେ ଦେଖଣାହାରି ହୋଇ ରହିଗଲେ ।





# ମନମୋଟିଆ କାଉ

କାଉଟିଏ ଥିଲା । ପ୍ରତିଦିନ ରାଜପ୍ରାସାଦରେ ପଶି ସିଂହାସନ ଉପରେ ଯାଇ ବସୁଥିଲା । ଏହା ଦେଖି ରାଜା ରାଗିଯାଇ ସିପାହିମାନଙ୍କୁ ଆଦେଶ ଦେଲେ 'ଏଇ କୁଆଟିକୁ ବାନ୍ଧିକି ମାଠିଆ ଭିତରେ ପକାଇ ଦିଅ' । ସିପାହିମାନେ ରାଜାଙ୍କର ଆଦେଶକୁ ପାଳନ କଲେ । କିନ୍ତୁ ଦେଖାଗଲା କୁଆ କାନ୍ଦିବା ପରିବର୍ତ୍ତେ ଗୁଣୁଗୁଣୁ ହୋଇ ଗୀତ ଗାଇବାରେ ଲାଗିଲା :

**ମାଠିଆରୁ ବାହାରିବା ମୁଁ ଶିଖିଛି**
**ମାଠିଆରୁ ବାହାରିବା ମୁଁ ଶିଖିଛି**

ରାଜା ଏହା ଦେଖି ଆଶ୍ଚର୍ଯ୍ୟ ହେଲେ ଯେ ଅପରିଷ୍କାର ଭିତରେ ରହି ମଧ୍ୟ ଏ କୁଆଟି କେମିତି ଗାଇପାରୁଛି ? ଆଉଥରେ ରାଜା ଆଦେଶଦେଲେ ଯେ 'କୁଆକୁ ନେଇ କୂଅରେ ପକାଇ ଦିଅ । ବୁଡ଼ି ମରିଯିବ ।' ସିପାହିମାନେ ତାହା ହିଁ କଲେ । କିନ୍ତୁ କୁଆ ମନ ଖରାପ କରିବା ବଦଳରେ ହସିବାକୁ ଲାଗିଲା :

**କୂଅରେ ବି ମୁଁ ପହଁରା ଶିଖିଛି**
**କୂଅରେ ବି ମୁଁ ପହଁରା ଶିଖିଛି**

ରାଜା ଭାବିଲେ - ଏଥର ଏଇ କୁଆକୁ କଠୋର ଦଣ୍ଡ ଦେବା ଦରକାର । ଏଥର କୁଆକୁ କଣ୍ଟାଗଦାରେ ପକାଇ ଦିଆଗଲା । କିନ୍ତୁ ସେ ଅତି ସୁନ୍ଦର ସ୍ୱରରେ ଗୀତ ଗାଇଲା :

**କଣ୍ଟାରେ କାନ ଫୋଡ଼ାହୁଏ**
**ମୋ କଅଁଳ କାନ ମୁଁ ଫୋଡ଼ିବି**

ରାଜା କହିଲେ 'ଏ କୁଆଟା ବଡ ଅଦ୍ଭୁତ ତ ! ଯେତେଯେତେ କଷ୍ଟ ପଡୁ ପଛକେ ସେ ଟିକିଏ ବି ଦୁଃଖିତ ହେଉନି । ବର୍ତ୍ତମାନ ଦେଖିବି ଯେଉଁଠି ଆନନ୍ଦ ଅଛି; ସେଠାରେ ଯଦି ଏହାକୁ ରଖାଯିବ ତାକୁ କଷ୍ଟ ହେଉଛି କି ନାହିଁ ।' ମୁରବାର ଡବା ପାଖରେ ତାକୁ ରଖାଗଲା । କୁଆ ଆହୁରି ଉଚ୍ଛ୍ୱସିତ ଭାବରେ ଗାଇବାରେ ଲାଗିଲା :

**ଚୁଟୁର ମୁରବା ଖାଉଛି ମୁଁ**
**ଚୁଟୁର ମୁରବା ଖାଉଛି ମୁଁ**

ଏଥର ରାଜା ହାରିଗଲେ । କହିଲେ, 'କୁଆକୁ ଦଣ୍ଡ ଦେବା ଅସମ୍ଭବ । ତା ପାଇଁ ସୁଖ ଦୁଃଖ ସବୁ ସମାନ । ଯେକୌଣସି ପରିସ୍ଥିତିରେ ଖୁସି ରହିବା କୌଶଳ ସେ ଜାଣେ । ସୁତରାଂ ଏବେ ତାକୁ ଛାଡ଼ି ଦିଆଯାଉ ।'

କୁଆ ଉଡ଼ିଯାଇ ପାଖ ଗଛରେ ଯାଇ ବସିଲା । ପୁଣି ଗାଇଲା :

**ସ୍ୱାଧୀନ ମୁଁ**
**ହୋଇଯାଇଛି**
**ସ୍ୱାଧୀନ ମୁଁ**
**ହୋଇଯାଇଛି**





# ବୁଢ଼ୀର ବିପତ୍ତି

ଜଣେ ବ୍ୟବସାୟୀ ଥିଲା । ବ୍ୟବସାୟ ପାଇଁ ତାକୁ ବିଦେଶ ଯିବାକୁ ହେଲା । ସ୍ତ୍ରୀ ଭାନୁମତୀକୁ ଡାକି କହିଲା, 'ଦେଖ ମୁଁ ସିଙ୍ଗାପୁର ଯାଉଛି । ଛୁଆମାନଙ୍କର ଯତ୍ନ ନେବୁ । ମୋ ମାଆକୁ ମଧ୍ୟ ଛୁଆମାନଙ୍କ ପରି ଆଦର ଯତ୍ନ କରିବୁ । ଯାହା ଯାହା ପିଲାଙ୍କ ପାଇଁ କରିବୁ, ଠିକ୍ ସେଇଆ ମାଆ ପାଇଁ ବି କରିବୁ । ତାକୁ ଯଦି ଘର କାମ କରାଇବୁ; ଜାଣିଥା ତୋର ଦିନେକୁ ମୋର ଦିନେ ।'

ଭାନୁମତୀ କହିଲା, 'ତମ ଆଦେଶ ମୁଁ ନିଶ୍ଚୟ ପାଳନ କରିବି । ତମେ ନିଶ୍ଚିତ ମନରେ ଯାଅ ।' ବ୍ୟବସାୟୀଟି ଉଡ଼ାଜାହାଜରେ ବସି ଚାଲିଗଲା । ଭାନୁମତୀ ପ୍ରତିଦିନ ବୁଢ଼ୀକୁ କହିଲା, 'ଆପଣଙ୍କ ପୁଅ ବିଦେଶ ଗଲାବେଳେ କହିଯାଇଛନ୍ତି ଯେ ମୁଁ ଯାହା ଯାହା ପିଲାଙ୍କ ପାଇଁ କରିବି ଆପଣଙ୍କ ପାଇଁବି ଠିକ୍ ସେଇୟା କରିବି । କିଛି ବି କାମ କରିବାକୁ ଦେବିନି । ତେଣୁ ଆପଣ ଏଇ ପିଲାମାନଙ୍କ ସହ ଆନନ୍ଦରେ ଖେଳକୁଦ କରନ୍ତୁ ।'

ବୁଢ଼ୀ ଚିନ୍ତାରେ ପଡ଼ିଗଲା । କହିଲା, 'ଠିକ୍ ଅଛି ଆଜିଠାରୁ ମୁଁ ସେଇଆ କରିବି ।' ପିଲାମାନେ ଅନ୍ଧ ପୁଟୁଳି ଖେଳିଲେ । ତାଙ୍କ ସହ ବୁଢ଼ୀ ବି ଖେଳିଲା । କିଛିଦିନ ପରେ ଭାନୁମତୀ ପିଲାଙ୍କର କାନଫୁଡ଼ା କଲା । ସ୍ୱାମୀ କଥା ତାର ପୁଣି ମନେ ପଡ଼ିଗଲା । 'ଯାହା ଯାହା ପିଲାଙ୍କ ପାଇଁ କରିବୁ, ମାଆ ପାଇଁ ବି ସେଇୟା କରିବୁ ।' ସଂଗେ ସଂଗେ ବୁଢ଼ୀକୁ କହିଲା, 'ଚାଲନ୍ତୁ ଆପଣଙ୍କ କାନଫୁଡା ହେବ ।'

ବୁଢ଼ୀ ତ ଭୀଷଣ ଡରିଗଲା । କହିଲା, 'ଏ ବୟସରେ କିଏ ଭଲା କାନଫୋଡ଼ାଏ କହିଲୁ ବୋହୂ ?' ବୋହୂ ନଛୋଡ଼ବନ୍ଧା । କହିଲା, 'ଆପଣଙ୍କ ପୁଅର ଆଦେଶ ପିଲାମାନଙ୍କ ଭିତରେ ଏବଂ ଆପଣଙ୍କ ଭିତରେ କିଛି ତାରତମ୍ୟ ରଖିପାରିବିନି । ମୋ ପାଇଁ ସମସ୍ତେ

ସମାନ। ଯେମିତି ମୋ  ଝିଅ ପିଙ୍କି ଆପଣ ବି ସେମିତି। କାନ ତ ଫୋଡ଼ିବାକୁ ହିଁ ପଡ଼ିବ।'

ବୁଢ଼ୀ ବୁଝିପାରିଲା। କିଛି ଉପାୟ ଆଉ ନାହିଁ। ବଣିଆ ପାଖରେ ବସି କାନ ଫୋଡ଼ିଲା। ବୁଢ଼ୀ କାନରେ ଫାସିଆ ପିନ୍ଧାଇଦେଲା ବଣିଆ। ଭାନୁମତୀ ପ୍ରତିଦିନ ପିଙ୍କି କାନରେ ଯେମିତି ତେଲ ଲଗାଏ, ବୁଢ଼ୀ କାନରେ ବି ସେମିତି କରେ। କିଛିଦିନ ପରେ କାନ ଶୁଖିଗଲା। ଦୁଇହଳ କାନଫୁଲ ଦୁଇଜଣଙ୍କ ପାଇଁ ନେଇ ଆସିଲା ଭାନୁମତୀ। ଗୋଟାଏ ପିଙ୍କିର ଆଉ ଗୋଟାଏ ବୁଢ଼ୀର। ବୁଢ଼ୀ କହିଲା, 'ଏତେ ଫେସନବାଲା କାନଫୁଲ କେହି ବୁଢ଼ୀ ଭଲା କେବେ ପିନ୍ଧେ ? ମୁଁ ଆଦୌ ପିନ୍ଧିବିନି।' ଭାନୁମତୀ କହିଲା, 'ଆପଣଙ୍କ ପୁଅଙ୍କର ଆଦେଶ ମୁଁ କେମିତି ଅମାନ୍ୟ



କରିବି କହିଲ ?' ସେ ଜବରଦସ୍ତ ବୁଢ଼ୀ କାନରେ କାନଫୁଲ ପିନ୍ଧାଇ ଦେଲା ।

କିଛିଦିନ ପରେ ମୁନାକୁ ସ୍କୁଲରେ ଭର୍ତ୍ତି କରିବା ବେଳ ଆସିଲା । ଶୁଭଦିନ ଦେଖି ଭାନୁମତୀ ପୁଅକୁ ଲଣ୍ଡା କରାଇ ଚୁର୍‌କିଟିଏ ଛାଡ଼ିଦେଲା । ହଠାତ୍ ବୁଢ଼ୀ କଥା ମନେ ପଡ଼ିଗଲା ତାର । ସେତେବେଳେ ବୁଢ଼ୀ ପିଲାମାନଙ୍କ ସହ କବାଡ଼ି ଖେଳୁଥିଲା । ସେଠାରୁ ତାକୁ ଡାକିଆଣି ଭାନୁମତୀ କହିଲା, 'ବାରିକ ପାଖରେ ବସନ୍ତୁ ଗୋଲକରି ଆପଣଙ୍କ ମୁଣ୍ଡରେ ସୁନ୍ଦର ଚୁର୍‌କି ରଖାଯିବ । ମୋ ପାଇଁ ସମସ୍ତେ ସମାନ । ଆପଣଙ୍କ ପୁଅର ବି ଆଦେଶ ସେଇଆ ଥିଲା । ଶୀଘ୍ର ଆସନ୍ତୁ ।' ବୁଢ଼ୀ ଯେତେ ବୁଝାଇଲା କିଛି ଶୁଣିଲାନି । ବୁଢ଼ୀକୁ ଶେଷରେ ଲଣ୍ଡିତ ମସ୍ତକରେ ଚୁର୍‌କି ରଖିବାକୁ ହେଲା । ଭାନୁମତୀ ଦୁଇଜଣଙ୍କ ଲଣ୍ଡାମୁଣ୍ଡରେ ସିନ୍ଦୁରରେ ଚିତ୍ର କାଟିଲା । ଦୁଇଜଣଙ୍କୁ କ୍ଷୀରରେ ସ୍ନାନ କରାଇ ରାବେଡ଼ି ଖୁଆଇଲା ।

ଭାନୁମତୀ ପ୍ରତିଦିନ ବୁଢ଼ୀ ମୁଣ୍ଡରେ ତେଲ ଢ଼ାଳେ । ମୁଣ୍ଡରେ ପନିଟେଲ କରିଦିଏ ଏବଂ ଛୋଟ ଛୋଟ ଛୁଆଙ୍କ ସହିତ ଖେଳିବାକୁ ପଠାଇଦିଏ । ଯେତେବେଳେ ଖାଇବା ବେଳ ହୁଏ ସେତେବେଳେ ଡାକପକାଏ :

**କୁଆଡ଼େ କିଏ ଅଛରେ ପିଲା**
**ଖାଇବା ରେଡ଼ି, କରନି ହଲ୍ଲା**

ଏମିତି ପ୍ରତିଦିନ ଚାଲେ । ବର୍ଷେ ଚାଲିଗଲା । ବୁଢ଼ୀର ପୁଅ ସିଙ୍ଗାପୁରରୁ ଫେରିଆସିଲା । ଆସିବା ମାତ୍ରେ ଘରଣୀକୁ ପଚାରିଲା, 'ମାଆ କାହିଁ ? ତାକୁ ଜୁହାର ହେବି ।' ଭାନୁମତୀ କହିଲା, 'ପିଲାଙ୍କ ସଙ୍ଗରେ ଗୋଟିଡ଼ାବଳ ଖେଳିବାକୁ ଯାଇଛନ୍ତି ଆସୁଥିବେ ।'

ପୁଅ ଚମକିପଡ଼ି କହିଲା, 'କ'ଣ କହିଲୁ ? ମାଆ ଯାଇଛି ଗୋଟିଡ଼ାବଳ ଖେଳିବାକୁ ? ସେ ଖେଳତ ପିଲାମାନେ ଖେଳନ୍ତି – ବୁଢ଼ୀମାନେ କ'ଣ ସେ ଖେଳ ଖେଳନ୍ତି ।'



ଭାନୁମତୀ କହିଲା, 'ମୁଁ ତ ପ୍ରତିଦିନ ମାଆଙ୍କୁ ପଠାଇଦିଏ ଖେଳିବା ପାଇଁ। ତମେ ମୋତେ ଗଲାବେଳେ କହିଯାଇଥିଲ ... ଯାହା ଯାହା ପିଲାଙ୍କ ପାଇଁ କରିବୁ, ମାଆ ପାଇଁ ବି ସେଇଆ କରିବୁ। ମାଆକୁ ପିଲାଙ୍କ ପରି ଭଲ ପାଇବୁ। ମୁଁ ପିଙ୍କିର କାନ ଫୋଡ଼ିଲି, ମାଆଙ୍କର ବି ଫୋଡ଼ିଲି। ପିଙ୍କି ପାଇଁ କାନଫୁଲ ବନାଇଲି, ମାଆଙ୍କ ପାଇଁ ବି କଲି। ପୁଣି ଚଙ୍କିର ମୁଣ୍ଡ ଲଣ୍ଡା କଲି ମାଆଙ୍କର ବି କଲି। ସୁନ୍ଦର ଚୁରକି ବି ରଖିଲି। ମାଆ ଆଉ ପିଲାଙ୍କ ଭିତରେ କିଛି ଫରକ ରଖିନାହିଁ।' ବ୍ୟବସାୟୀ ଜଣକ ବୁଝିଗଲା ତା ସ୍ତ୍ରୀର ବୁଦ୍ଧି ବୋଲି କିଛିନାହିଁ। ଭାନୁମତୀ ପାଟି କରି ଡାକିଲା :

**କୁଆଡ଼େ କିଏ ଅଛରେ ପିଲା**
**ଖାଇବା ରେଡ଼ି, କରନି ହଲ୍ଲା**

ଗଲି ଭିତରେ ଖେଳୁଥିବା ପିଲାଙ୍କ ସହିତ ବୁଢ଼ୀ ବି ଦଉଡ଼ି ଆସିଲା। ଅଗଣାରେ ପହଞ୍ଚି ପୁଅକୁ ଦେଖିଲା। ପୁଅ ବି ମାଆକୁ ଦେଖିଲା। ଦୁହିଁଙ୍କ ଆଖି ଛଳଛଳ ହୋଇଗଲା। ଭାନୁମତୀର ମୂର୍ଖାମୀ ପାଇଁ ପୁଅ ମାଆ ପାଖରେ କ୍ଷମା ପ୍ରାର୍ଥନା କଲା। ଆଉ ଅଧିକ କ'ଣ ବା କରିପାରିଥାଆନ୍ତା !



## ଖାଦ୍ୟ ଲୋଭୀ କଟୋରୀ

ଜଣେ ଶେଠ ଥିଲା । ଭୀଷଣ କୃପଣ । ତା ସ୍ତ୍ରୀର ନାଁ ଥିଲା କଟୋରୀ ଦେବୀ । ସିଏ ବହୁତ ଚାଲାକ ଥିଲା । ବେଳା ବେଳା ଖାଦ୍ୟ ଖାଉଥିଲା । ଯେତେବେଳେ ଶେଠଜଣକ ଘରେ ରହୁଥିଲା ତା ସ୍ତ୍ରୀ ସାଧାରଣ ଭାବରେ ଖିଆପିଆ କରୁଥିଲା । ଯେତେବେଳେ କୌଣସି କାମରେ ଶେଠଜଣକ ବାହାରକୁ ଯାଉଥିଲା; ସେତେବେଳେ ତା ସ୍ତ୍ରୀ ସୁସ୍ୱାଦୁ ଖାଦ୍ୟ ତିଆରି କରି ନିଜେ ଖାଉଥିଲା । ଦିନେ ଶେଠର ସନ୍ଦେହ ହେଲା । ଭାବିଲା ... ଏତେ ଏତେ ତେଜରାତି ସଉଦା ଘରକୁ ଆଣୁଛି ଏତେଶୀଘ୍ର କେମିତି ସେଗୁଡ଼ିକ ସରିଯାଉଛି । ତା ସ୍ତ୍ରୀ ଖାଇଦେଇ ଶେଷ କରିଦେଉନିତ ? ତା ଆରଦିନ ସେ ସ୍ତ୍ରୀକୁ ଡାକି କହିଲା, 'ମୋତେ ଝୁମୁରୀ ତଲେୟା' ଯିବାକୁ ହେବ । ଜଳଖିଆ ତିଆରି କରିଦେ ।' ଏକଥା ଶୁଣି ତା ସ୍ତ୍ରୀ ଖୁସି ହୋଇଗଲା ଏବଂ ଫଟାଫଟ୍ ଜଳଖିଆ ତିଆରି କରିଦେଇ ସ୍ୱାମୀକୁ ଦେଇ ବିଦାକଲା । ସେଦିନ ବ୍ୟବସାୟୀ ତା ବନ୍ଧୁଘରେ ରହିଲା । ସଞ୍ଜରେ ଯେତେବେଳେ ଶେଠିଆଣୀ ମନ୍ଦିର ଗଲା ସେତେବେଳେ ଶେଠ ଚୁପ୍‌ଚାପ୍ ଘର ଭିତରେ ପଶି 'ପିପେ'ରେ ଲୁଚିକି ବସିରହିଲା । ରାତିହେଲା । ଶେଠିଆଣୀର ଖୁସିର ସୀମା ରହିଲାନି । ଭାବିଲା, ବ୍ୟବସାୟ ସଂକ୍ରାନ୍ତରେ ଶେଠ ବାହାରକୁ ଚାଲିଯାଇଛି । ଭଲ ହୋଇଛି । ଏବେ ସପ୍ତାହକାଳ ଲହୁଣି, ଲଡୁ, ମାଲପୁଆ ଖାଇଚାଲିବି । ଏଇଆ ଭାବି ଭାବି ଶୋଇପଡ଼ିଲା । ଘରେ ରମେଲା ବୋଲି ଜଣେ ଚାକରାଣୀ ଥିଲା । ସିଏ ବି ଶୋଇଗଲା । ଗୋଟାଏ ଘଣ୍ଟା ଯାଇଛି କି ନାହିଁ ଶେଠିଆଣୀ ଉଠିପଡ଼ିଲା । ସଂଗେ ସଂଗେ ଚାକରାଣୀକୁ ଡାକି କହିଲା :

**କହ ରମେଲା କହ ମୋତେ**
**ରାତି ଏବେ ହୋଇଛି କେତେ**

ଚାକରାଣୀ ଲମ୍ବା ହାଇ ମାରି କହିଲା, 'ଏବେ ତ ରାତିର ଦ୍ୱିତୀୟ ପହର ଆରମ୍ଭ ହୋଇଛି।' ଶେଠିଆଣୀ କହିଲା-, 'ମୋ ପେଟରେ କୁକୁର ବିଲେଇ ଦଉଡ଼ିଲେଣି। ଏମିତି କର ଫ୍ରିଜ୍‌ରେ ରାବେଡ଼ି ଲହୁଣି ଅଛି। ନେଇଆ। ପାଉରୁଟି ସହିତ ଖାଇବି। 'ପିପେ'ରେ ଲୁଚିଥିବା ଶେଠ ବିଡ଼୍‌ବିଡ଼୍ ହେଲା। ଭାବିଲା, ଇଏ ସ୍ତ୍ରୀଲୋକ ନା ଅସୁରୁଣୀ। ଲହୁଣି ରାବେଡ଼ି ଏମିତି ଖାଉଛି; ଯେମିତି କେବେବି ଦେଖିନି। ଶେଠିଆଣୀ ତାଟିଆ ଚାଟିକି ଖାଇଲା। ପୁଣି ନିଜ ଆଙ୍ଗୁଳିକୁ ବି ଚାଟି ଖାଇଲା ଏବଂ ଶୋଇଗଲା। କିନ୍ତୁ କିଛି ସମୟ ପାଇଁ। ଚାକରାଣୀର ଆଖି ଲାଗିଛି ନ ଲାଗିଛି ପୁଣି ଶେଠିଆଣୀ ତାକୁ ଡାକି ଉଠାଇଲା। ପୁଣି କହିଲା :

**କହ ରମେଲା କହ ମୋତେ**
**ରାତି ଏବେ ହୋଇଛି କେତେ**



ଚାକରାଣୀ ଆଖି ମଳି ମଳି କହିଲା, 'ଏବେ ତ ରାତିର ତୃତୀୟ ପହର ଆରମ୍ଭ ହୋଇଛି । ଶେଠିଆଣୀ କହିଲା, 'ତାହେଲେ ମୋ ପେଟରେ କୁକୁର କାହିଁକି ଭୁକୁଛି ? ଏମିତି କର, 'ଘିଅରେ ଗାଜରର ହାଲୁଆ ତିଆରି କରିଦେ, ବହୁତ ଦିନରୁ ଖାଇନି ।' ଚାକରାଣୀ କିଛି ସମୟ ଭିତରେ ଗାଜରର ହାଲୁଆ ତିଆରି କରିଦେଲା । ଦେଖୁଦେଖୁ ଶେଠିଆଣୀ ସବୁ ହାଲୁଆ ଖାଇଦେଲା । ଶେଠ ରାଗରେ ଦାନ୍ତଚିପି ରହିଲା । ଫୁସ୍‌ଫୁସ୍ କରି କହିଲା, 'ଏ ସ୍ତ୍ରୀଲୋକର ପେଟ ନା କୂଅ । ଖାଇ ଚାଲିଛି ।' ଖାଇବା ଜାଗା ଶେଷକରି ଶେଠିଆଣୀ ଶୋଇଗଲା । ଚାକରାଣୀ ଜଣକ ଆଖି ବନ୍ଦ କରି ଶୋଇଲା । ପୂରା ଥକିଯାଇଥିଲା । ହଠାତ୍ ତା କାନରେ ଗୋଟାଏ ଶବ୍ଦ ଆସି ବାଜିଲା :

**କହ ରମେଲା କହ ମୋତେ**
**ରାତି ଏବେ ହୋଇଛି କେତେ**

ଚାକରାଣୀଜଣକ ମୁଣ୍ଡପିଟି କହିଲା, 'ରାତିର ଶେଷ ପହର ଚାଲିଛି, ଟିକିଏ ରୁହ ।' ଶେଠିଆଣୀ କହିଲା, 'କେମିତି ରହିପାରିବି ? ମୋ ପେଟରେ ତ ସିଂହ ଗର୍ଜିଲାଣି । ତୁ ଗୋଟିଏ କାମ କର, ଶୀଘ୍ର ନବରତ୍ନ ପଲାଉ ରାନ୍ଧିଦେ । ତା ସହିତ ଦି'ଗିଲାସ ଲସି ମଧ୍ୟ ତିଆରି କରିଦେବୁ ।' ବିଚରା ଚାକରାଣୀ ଫଟାଫଟ୍ ବାଦାମପିସ୍ତା କାଜୁ କିସ୍‌ମିସ୍ ଦେଇ ପଲଉ ବନାଇଲା । ଶେଠିଆଣୀ ଚଟାପଟ ଖାଇଦେଇ ଆଙ୍ଗୁଳି ଚାଟିଚାଟି ଶୋଇପଡ଼ିଲା ।

ଚାକରାଣୀ ମଧ୍ୟ ତା ପରେ ପରେ ଶୋଇଗଲା । ସକାଳ ହେଲା । ଶେଠିଆଣୀ ଦେଖିଲା ଶୋଫା ଉପରେ ବସି ଶେଠ ଖବରକାଗଜ ପଢୁଛି । ପ୍ରଥମେ ହଡ଼ବଡ଼ି ଗଲା । ତାପରେ ନରମ ସ୍ୱରରେ କହିଲା, 'ଆପଣ ତ ସପ୍ତାହେ ପାଇଁ ବାହାରକୁ ଯାଇଥିଲେ । ଗୋଟିଏ ରାତି ନ ପାଉଁଣୁ କେମିତି ଫେରିଆସିଲେ ?' ଶେଠ କହିଲା, 'ସମୟ ଅନୁକୂଳ ନଥିଲା । ବିଲେଇ ରାସ୍ତା କାଟିଲା ।' ଶେଠିଆଣୀ ପୁଣି ପଚାରିଲା, 'କଳା ବିଲେଇ ହୋଇଥିବ ?' ଶେଠ କହିଲା, 'ନୁଡ଼ଲ୍ ପରି ଧଳା ଥିଲା ।' ଏକଥା ଶୁଣି ଶେଠିଆଣୀ ଡରିଗଲା । ତାକୁ ଲାଗିଲା ଶେଠ ତା ଅୟସ୍ କଥା ଜାଣିଯାଇଛି ଯେମିତି । ପୁଣି ଦୋହରା ତୋହରା ଭାବରେ ପଚାରିଲା, 'ବିଲେଇ କ'ଣ କାନ୍ଦୁଥିଲା ?' ଶେଠ କହିଲା, 'ଲହୁଣି, ଘିଅ ଯେମିତି ଚିକ୍‌କଣ, ଠିକ୍ ସେମିତି ନରମ

ଭାବରେ କାନ୍ଦୁଥିଲା ।' ଶେଠିଆଣୀ ପୁଣି ପଚାରିଲା, 'ତା ଆଖିର ରଙ୍ଗ କେମିତି ଥିଲା ?' ଶେଠ କହିଲା, 'ଗାଜରର ହାଲୱା ଯେମିତି ଦେଖାଯାଏ ।' ଶେଠିଆଣୀ ଶେଷ ପ୍ରଶ୍ନ ପଚାରିଲା, 'ତା ପେଟ କେତେ ବଡ଼ ଥିଲା ?' ଶେଠ ସଂଗେ ସଂଗେ ଜବାବ ଦେଲା, 'ତିନି ପ୍ଲେଟ୍ ନବରତ୍ନ ପଲଉ ତା ଭିତରେ ପଶିଯିବ ।'

ଶେଠିଆଣୀର ସନ୍ଦେହ ଠିକ୍ ହୋଇଗଲା । ସେ ସଂଗେ ସଂଗେ କ୍ଷମା ମାଗିଲା । ସେଦିନ ଶେଠ ମଧ୍ୟ ନିଜ ଭୁଲ୍ ବୁଝିପାରିଲା । ସେ ନିଜର କୃପଣ ସ୍ୱଭାବ ସେହିଦିନରୁ ଛାଡ଼ିଦେଲା । ଶେଠିଆଣୀ ମଧ୍ୟ ସେହିଦିନଠାରୁ ନିଜର ଲୁଚାଇ ଖାଇବା ଅଭ୍ୟାସ ଛାଡ଼ିଦେଲା ।






# ମୁଁ ଜଣେ ବଳୁଆ ପୋଲିସବାଲା

କୋଡ଼ିଏ ଜଣ ବ୍ୟବସାୟୀ ତୀର୍ଥଯାତ୍ରା କରିବା ପାଇଁ ଗୋଟିଏ ବସ୍‌ରେ ଯାଉଥିଲେ । ବାଟରେ ଗୋଟିଏ ଜଙ୍ଗଲ ପଡ଼ିଲା । ମଝି ଜଙ୍ଗଲ ଭିତରେ ବସ୍‌ଟି ଯାଉଥିଲାବେଳେ ରାସ୍ତାକୁ ଅବରୋଧ କରି ଡକାୟତମାନେ ଛିଡ଼ା ହୋଇଥିବାର ଦେଖାଗଲା । ବ୍ୟବସାୟୀମାନେ ମଲା ପ୍ରାୟ ହୋଇଗଲେ । ବସ୍‌ଟି ଧୀରେ ଧୀରେ ଯାଇ ରହିଲା । ଡକାୟତମାନେ ସମସ୍ତଙ୍କୁ ତଳକୁ ଓହ୍ଲାଇ ଦେଇ ଧମକ ଦେଲେ, 'ଜଲ୍‌ଦି ଜଲ୍‌ଦି ଗହଣା ଏବଂ ଟଙ୍କା ରଖିଦିଅ; ନଚେତ୍ ସମସ୍ତଙ୍କୁ ମାରିଦେବୁ ।' ବ୍ୟବସାୟୀମାନେ ଖୁବ୍ ଚାଲାକ ଥିଲେ । ଡକାୟତମାନଙ୍କର ମୁହାଁମୁହିଁ ହେବା ଅସମ୍ଭବ ଥିଲା । ସମସ୍ତେ ନିଜନିଜ ବ୍ୟାଗ, ସୁନାମୁଦି, ସୁନାହାରଏବଂ ଘଡ଼ି ଖୋଲିଦେଲେ । ଡକାୟତମାନଙ୍କୁ ସୁବର୍ଣ୍ଣ ସୁଯୋଗ ମିଳିଗଲା । ସେମାନେ ସବୁ ଜିନିଷ ଏକାଠି କରି ଗଣ୍ଠିଲି କରି ଚାଲିଗଲେ । ବ୍ୟବସାୟୀମାନେ ମନେ ମନେ ଭାବିଲେ – ଛି ଛି, କି ଅପମାନଜନକ କଥା । ଆମ ମାନଙ୍କର ଆଣ୍ଠୁଏ ପାଣିରେ ବୁଡ଼ି ମରିବା ଉଚିତ କିମ୍ବା କିଛି ଗୋଟାଏ କରିବା ଦରକାର । ସଂଗେ ସଂଗେ ଗୋଟିଏ ଉପାୟ ପାଞ୍ଚିଲେ ଏବଂ ସବୁ ବ୍ୟବସାୟୀମାନେ ଟିକିଏ ରହିଯାଅ ରହିଯାଅ କହି ଡକାୟତମାନଙ୍କ ପଛରେ ଦଉଡ଼ିବାକୁ ଲାଗିଲେ । ଡାକୁମାନେ ଯେତେବେଳେ ଅଟକିଗଲେ, ସେତେବେଳେ ଜଣେ ବ୍ୟବସାୟୀ ହାତ ଯୋଡ଼ି ସେମାନଙ୍କୁ କହିଲା, 'ଭାଇମାନେ, ଆମମାନଙ୍କର ଗୋଟିଏ ଛୋଟ କଥା ଶୁଣିଯାଅ ।' ତାଙ୍କ ଭିତରୁ ଜଣେ ଡାକୁ କହିଲା, 'ଆମକୁ ଫୁସଲାଇବାକୁ ଚେଷ୍ଟା କରି କାହାଣୀ ବନାଉଛ । ଆମେ ଏତେ ବୋକା ହୋଇନୁ ଯେ ତମ କଥାରେ ଭାସିଯିବୁ । ତମ ବ୍ୟବସାୟୀମାମାନଙ୍କ ବୋପା ।' ବ୍ୟବସାୟୀଜଣକ କହିଲା, 'ତମେମାନେ ଆମ ବାପା ବି ଏବଂ ଦାଦା ବି । ଆମେ ତ ଆମେ, ତମକୁ କେହି ବି ବୋକା


ବନାଇ ପାରିବେନି।' ଆଉ ଜଣେ ଡାକୁ **ତା** ସାଙ୍ଗକୁ କହିଲା, 'ଟିକିଏ ଶୁଣିବାରେ କ'ଣ ଅସୁବିଧା ଅଛି ?' ବ୍ୟବସାୟୀମାନେ ସୁବିଧା ଦେଖି କହିଲେ, 'ଆମେ ନାଟକ ପ୍ରତିଯୋଗିତାରେ ଗୋଟାଏ ନାଟକ କରିବୁ। ଆପଣ ସମସ୍ତେ ଖୁବ୍ ପାରିବାର, ସେଥିପାଇଁ ଆମେ ଚାହୁଁଛୁ ଯେ ପ୍ରଥମେ ଆପଣମାନେ ତାହା ଦେଖି ଆପଣମାନଙ୍କର ମତାମତ ଦିଅନ୍ତୁ।'

ତୃତୀୟ ଡାକୁଜଣକ କହିଲା, 'ମୋତେ ଏଥିରେ କିଛି ଚାଲ୍ ଥିବାର ଜଣାପଡୁଛି। ବ୍ୟବସାୟୀମାନଙ୍କ ଚାଲାକିରେ ବଡ଼ ବଡ଼ ପରିବାରର ଲୋକମାନେ ମଧ୍ୟ ହାରିଯାଆନ୍ତି।' ବ୍ୟବସାୟୀମାନେ କହିଲେ, 'ସେ କଥା କ'ଣ ଆଉ ଅଛି। ଆମେମାନେ ହେଲୁ ସାଧାସିଧା କଳାକାର। ଆପଣମାନଙ୍କର ମୂଲ୍ୟବାନ ସମୟରୁ ଯଦି କିଛି ସମୟ ଆମମାନଙ୍କୁ ଦିଅନ୍ତି, ତାହେଲେ ବହୁତ ଉପକାର ହୁଅନ୍ତା। ଏହା ଆମର ଅନୁରୋଧ କୌଣସି ଆଦେଶ ନହେଁ।'



ଚତୁର୍ଥ ଡାକୁଜଣକ କହିଲା, 'ଆରେ ତୁ କାହାକୁ ଜ୍ଞାନ ଦେଉଛୁ ? ଅଭିନୟ କରିବା ଭଣ୍ଡମାନଙ୍କର ଅଭ୍ୟାସ । ବ୍ୟବସାୟୀମାନଙ୍କର ନୁହେଁ ।' ବ୍ୟବସାୟୀମାନେ କହିଲେ, 'ଏବେ ସମୟ ବଦଳିଗଲାଣି । ଆଜିକାଲି ବ୍ୟବସାୟୀ ଏବଂ ବ୍ରାହ୍ମଣମାନେ ମଧ୍ୟ ଅଭିନୟ କଲେଣି । ଏହି ଧନ୍ଦାରେ ବେଶ୍ ଟଙ୍କା ମିଳିଥାଏ । ଆପଣମାନେ ଚାହିଁଲେ ଏଥିରେ ବଡ଼ କଳାକାର ହୋଇ କୋଟି କୋଟି ଟଙ୍କା ଆୟ କରିପାରିବେ ।'


ଡାକୁମାନଙ୍କ ମନ ଭିତରେ ଲୋଭ ଆସିଲା । ସେମାନଙ୍କ ଭିତରୁ ଜଣେ କହିଲା, 'କିଛି ବେଳ ନାଟକ ଦେଖିଦେଲେ ଆକାଶ ଛିଣ୍ଡି ପଡ଼ିବନି । ତା ଛଡ଼ା ଆମ ପାଖରେ ବନ୍ଧୁକ ବି ତ ଅଛି । ଡରୁଛ କାହିଁକି ?' ସବୁଡାକୁ ଗୋଟାଏ ଗଛ ଛାଇରେ ନାଟକ ଦେଖିବାକୁ ବସିଗଲେ । ବର୍ତ୍ତମାନ ବ୍ୟବସାୟୀମାନେ ନିଜ ନିଜର ପାରଦର୍ଶିତା ଦେଖାଇବାକୁ ଲାଗିଲେ । ପ୍ରଥମେ ଜଣେ ବ୍ୟବସାୟୀ ଆଗକୁ ଆସି ଓକିଲ ଢଙ୍ଗରେ କହିବାକୁ ଲାଗିଲା :



ମୁଁ ଜଣେ ବାରିଷ୍ଟର
ବ୍ୟବସାୟ ମୋର ବନ୍ଦ ହେବାରୁ
ହୋଇଗଲି କଣ୍ଟ୍ରାକ୍ଟର
ମୁଁ ଜଣେ ବାରିଷ୍ଟର

ଜଣେ ଡାକୁ ଆଉ ଜଣେ ଡାକୁକୁ କହିଲା, 'ବାଃ ବାଃ, ଇଏତ ଜଣେ ବଢ଼ିଆ ଅଭିନେତା ।' ପୁଣି ଆଉ ଜଣେ ବ୍ୟବସାୟୀ ଆଗକୁ ଆସି ଗଳା ଝାଡ଼ି କହିଲା :

ମୁଁ ହେଉଛି ହିରୋ ନମ୍ବର ୱାନ
ଫିଲ୍ମ ଯେତେବେଳେ ଫ୍ଲପ ହୋଇଗଲା
ମୁଁ ହୋଇଗଲି ଜିରୋ ନମ୍ବର ୱାନ
ମୁଁ ହେଉଛି ହିରୋ ନମ୍ବର ୱାନ



ଦ୍ୱିତୀୟ ଡାକୁ ଜଣକ ତୃତୀୟ ଡାକୁକୁ କହିବାରେ ଲାଗିଲା, 'ଏ ବ୍ୟବସାୟୀଟି ଜନ୍ମରୁ ଭାଣ୍ଡପରି ମନେ ହେଉଛି।' ପୁଣି ବ୍ୟବସାୟୀମାନଙ୍କ ଆଡ଼କୁ ଘୂରିଯାଇ ଫରମାସ କଲା, 'ଏମିତି କେହି ଯଦି ଏବେ କରେ ତ ଦେହ ଖରାପ ହୋଇଯିବ।' ତୃତୀୟ ବ୍ୟବସାୟୀଜଣକ ପ୍ରସ୍ତୁତ ଥିଲା । ଆଗକୁ ଆସି ନାଚିବାକୁ ଲାଗିଲା :

**ମୁଁ ଜଣେ ବଲୁଆ ଥାନାଦାର**
**କାଲି ହୋଇଗଲି ଡିସ୍‌ମିସ୍**
**ଆଜି ମୁଁ କାନ୍ଦୁଛି ଝରଝର**
**ମୁଁ ଜଣେ ବଲୁଆ ଥାନାଦାର**

ଥାନାବାଲାର ଅଭିନୟ କରୁଥିବା ବ୍ୟବସାୟୀଟିର କାନ୍ଦିବା ଗାଇବା ଦେଖି ସବୁଡାକୁ ଚମତ୍କୃତ ହୋଇଗଲେ । ସେ ବ୍ୟବସାୟୀଜଣକ ଧୀରେ ଧୀରେ ଦୂରକୁ ଦୂରକୁ ଯିବାକୁ ଲାଗିଲା । ଚାଲୁ ଚାଲୁ ସେ ଥାନାରେ ପହଞ୍ଚିଗଲା । ପ୍ରକୃତ ଥାନାଦାରଙ୍କୁ ସବୁକଥା ଶୁଣାଇଲା । ସେ ସଂଗେ ସଂଗେ ସିପାହିମାନଙ୍କୁ ସାଙ୍ଗରେ ନେଇ ଜିପ୍‌ରେ ବ୍ୟବସାୟୀଙ୍କୁ ମଧ୍ୟ ବସାଇ ଡାକୁମାନଙ୍କୁ ଗିରଫ କରିବା ପାଇଁ ବାହାରି ପଡ଼ିଲେ । ଏପଟେ ଚତୁର୍ଥ ବ୍ୟବସାୟୀଜଣକ ନାଚଗୀତ ଚଲାଇ ରଖିଥିଲା :

**ମୁଁ ଜଣେ ବଡ଼ ସିକନ୍ଦର**
**ମୂଷାକୁ ଡରିଲି**
**ସେଥିପାଇଁ ହେଲି ଚୁକନ୍ଦର**
**ମୁଁ ଜଣେ ବଡ଼ ସିକନ୍ଦର**

ଠିକ୍ ଏତିକିବେଳେ ଦୂରରୁ ଗୋଟାଏ ଜିପ୍ ଗାଡ଼ିର ଶବ୍ଦ ଅଳ୍ପଅଳ୍ପ ଶୁଣାଗଲା । ବ୍ୟବସାୟୀମାନେ ପୋଲିସ ଗାଡ଼ି ଆସିବା କଥା ବୁଝିପାରିଲେ । କିନ୍ତୁ ଡାକୁମାନେ ଚମକି ପଡ଼ିଲେ । ଏହା ଦେଖି ବାକି ଊଣିଶ ଜଣ ବ୍ୟବସାୟୀ ଗାଡ଼ି ଶବ୍ଦ ସହ ଏକ ସଙ୍ଗରେ ନାଚିବାକୁ ଏବଂ ଗାଇବାକୁ ଲାଗିଲେ :

**ମୁଁ ଜଣେ ମଟର ଗାଡ଼ିବାଲା**
**ଗାଡି ହେଲା ପଙ୍କଚର**

**ବାହାରିଗଲା ହାଉଆ ?**
**ମୁଁ ଜଣେ ମଟର ଗାଡ଼ିବାଲା**

ଡାକୁମାନେ ଭାବିଲେ ଏଠି ନାଟକ ହେଉଥିବାରୁ ଗାଡ଼ିର ଶବ୍ଦ ଶୁଭୁଛି । ସେମାନେ ବସିରହିଲେ ଏବଂ ନାଚର ଆନନ୍ଦ ଉପଭୋଗ କରିବାକୁ ଲାଗିଲେ । ଡାକୁମାନେ କିଛି ବୁଝିବା ପୂର୍ବରୁ ବେପାରୀମାନେ ପ୍ରଥମେ ଜିପ୍‌ରେ ବସିଯାଇ ଗାଇବାକୁ ଆରମ୍ଭ କରିଦେଲେ :

**ମୁଁ ବଲୁଆ ଥାନାଦାର**
**କାଲି ହେଲି ମୁଁ ଡିସ୍‌ମିସ୍**
**ଆଜି କାନ୍ଦୁଛି ଝରଝର**
**ମୁଁ ବଲୁଆ ଥାନାଦାର**

ଡାକୁମାନେ କହିଲେ, 'ଏମାନେ ତ ସେଇ ବ୍ୟବସାୟୀ । ଅନ୍ୟମାନଙ୍କୁ ପୋଲିସ ପୋଷାକ ପିନ୍ଧାଇ ନେଇ ଆସିଛନ୍ତି ।' ଜିପ୍‌ଗାଡ଼ି ସେଠାରେ ଆସି ଅଟକିଲା । ଅସଲି ପୋଲିସମାନେ ଡାକୁମାନଙ୍କ ପାଖକୁ ଝପଟି ଆସିଲେ । ଗୋଟାଏ ମିନିଟ୍ ଭିତରେ ସମସ୍ତେ ଗିରଫ ହୋଇଗଲେ । ସେମାନଙ୍କ ହାତରେ ହାତକଡ଼ି ପଡ଼ିଗଲା । ବ୍ୟବସାୟୀମାନଙ୍କୁ ନିଜ ନିଜର ଗହଣା ଏବଂ ଟଙ୍କା ବ୍ୟାଗ ମିଳିଗଲା । ବସ୍‌ଟି ତୀର୍ଥଯାତ୍ରା ପାଇଁ ଆଗକୁ ଚାଲିଲା । ଡାକୁମାନଙ୍କୁ ଜେଲ୍‌କୁ ନିଆଗଲା ।





## ପୋଖତ ମଣିଷ

ବେଙ୍ଗୁଲୀଟିଏ ଥିଲା । ସେ ଗୋଟାଏ ବେଙ୍ଗକୁ ବାହାହେଲା । ପ୍ରତିଦିନ ବେଙ୍ଗୁଲୀ ସଉଦା ଆଣିବା ପାଇଁ ବଜାରକୁ ଯାଉଥିଲା । ବାଟରେ ତାର ଗୋଟାଏ ହାତୀ ସହ ଦେଖାହେଲା । ନୂଆ ବୋହୂ ବେଙ୍ଗୁଲୀର ନିଜ ରୂପ ପାଇଁ ଗର୍ବ ଥିଲା । ସେ ହାତୀକୁ କହିଲା :

**ଖମ୍ବ ପରି ଗୋଡ଼ ତୋର**
**ହଲିହଲିକା ଚାଲୁ**
**ସମ୍ଭାଳି ହୋଇ ଚାଲ କଳା ପର୍ବତ,**
**ମୋର ଗୋରା ଗୋରା ଗାଲ**

ବେଙ୍ଗୁଲୀର କହିବା ଠାଣି ହାତୀକୁ ବିରକ୍ତ ଲାଗିଲା । ସେ ପାଦେ ପଛକୁ ଆଉ ପାଦେ ଆଗକୁ ଯାଇ ମୁହଁ ଛିଞ୍ଚାଡ଼ି କହିଲା :

**କାଳୀ କୋତରୀ ଦେହ ତୋହର**
**ପେଟ ଲାଗୁଛି ପିଠିରେ ତୋର**
**ଆପଣା କାମ ଆପେ ତୁ କର**
**ନହେଲେ ତୁ ଶୋଉ ଘରେ ତୋହର**

ହାତୀ ବେଙ୍ଗୁଲୀକୁ କାଳୀ କୋତରୀ କହିବା ହେତୁ ମନ ଦୁଃଖରେ ଯାଇ ନିଜ ପତି କହିଲା :


**ମନ ଖୁସିରେ ଗଦିରେ ଶୋଉ**
**ପତି ତୁ ମୋର ନା ଶତ୍ରୁ ମୋର**

**ହାତୀ କହୁଛି କାଳୀ କୋତରୀ**
**ପାଖକୁ ଯାଇ ଚାପୁଡ଼ା ମାର**

ବେଙ୍ଗ ଭାବିଲା ଯେକୌଣସି
ନରମା ସ୍ୱାମୀ ମୂର୍ଖ ସ୍ତ୍ରୀର
କଥାରେ ପଡ଼ି ତାକୁ ମୁଣ୍ଡରେ
ବସାଇପାରେ କିମ୍ବା ତା ସହିତ
ହାତାହାତି ମଧ୍ୟ ହୋଇପାରେ ।
ମୁଁ ତ ପୋଖତ ସ୍ୱାମୀ ।
ତଥାପି ରାଗିଯାଇଥିବା
ସ୍ତ୍ରୀକୁ ମନାଇବା ପାଇଁ
କିଛି କହିବା ଜରୁରୀ ।
ସେ କହିଲା :

**ଚାନ୍ଦଠୁ ବି ବେଶୀ ସୁନ୍ଦର**
**ଗୋଲାପି ରଙ୍ଗ ଗାଲ ତୋହର**
**ଆଖି ଥାଇ ବି ଅନ୍ଧ ହାତୀ**
**ତା ଆଖିରେ ପଡୁ ମାଟି**

ଏକଥା ଶୁଣି ବେଙ୍ଗୁଲୀ ମୁରୁକି
ହସିବାରେ ଲାଗିଲା ।





# ଭାଗ୍ୟର ବିଡ଼ମ୍ବନା

ଗୋଟାଏ ଉକୁଣି ଦେବୀ ଥିଲା । ସେ ବାହା ହେବାକୁ ଚାହୁଁଥିଲା । କୁଆଡ଼ୁ କିଛି ପ୍ରସ୍ତାବ ନ ଆସିବାରୁ ସେ ନିଜେ ନିଜେ ସଜବାଜ ହୋଇ ବର ଖୋଜିବାକୁ ଚାଲିଲା । ରାସ୍ତାରେ ତାର ଏକ କୁଆ ସହିତ ଦେଖାହେଲା । କୁଆ ପଚାରିଲା :

**କୁଆଡ଼େ ଯାଉଛୁ ହଲିହଲିକା**
**ନୀଳ ଆକାଶର ପରୀ**

ଉକୁଣି ଦେବୀ କହିଲା, 'ବାହା ହେବାକୁ ।' ଏକଥା ଶୁଣି କୁଆ କହିଲା, 'ମୋତେ ବାହା ହେବୁ ?' ଏକଣା ଶୁଣି ଉକୁଣି ଦେବୀ କହିଲା, 'ଖାଇବି କ'ଣ ? ପିଇବି କ'ଣ ? ପିନ୍ଧିବି କ'ଣ ?' କୁଆ କହିଲା :

**ଗନ୍ଧିଆ ଖାଅ ପିଅ ପାଣି**
**ବାକି ସବୁ କଥା ଭୁଲିଯା ରାଣୀ**

ଉକୁଣି ଏକଥା ଶୁଣି କହିଲା, 'ନାରେ ବାବା ନା, ମୋର ପଚାସଢ଼ା ଖାଇବାର ନାହିଁ କି ତୋତେ ବାହା ହେବାର ନାହିଁ ।' ଏକଥା କହି ପୁଣି କିଛି ବାଟ ଆଗେଇ ଯିବା ପରେ କୁକୁର ସହିତ ଦେଖାହେଲା । କୁକୁର ପଚାରିଲା :

**କୁଆଡେ ଯାଉଛୁ ହଲିହଲିକା**
**ସରଗ ପରୀ ?**

ଉକୁଣି ଦେବୀ କହିଲା, 'ବାହା ହେବାକୁ ।' ଏକଥା ଶୁଣି କୁକୁର ଉତ୍ସାହିତ ହୋଇ

କହିଲା, 'ମୋତେ ବାହା ହୋଇଯାଉନୁ ?' ଏକଥା ଶୁଣି ଉକୁଣି ଦେବୀ କହିଲା, 'ଖାଇବି କ'ଣ ? ପିଇବି କ'ଣ ? ପିନ୍ଧିବି କ'ଣ ?' କୁକୁର କହିଲା :

**ଖାଇବୁ ହାଡ଼ ପିଇବୁ ପାଣି**
**ବାକି ସବୁକଥା ଭୁଲି ଯା ରାଣୀ**



ଉକୁଣିଟି କହିଲା, 'ରାତି ସାରା ଭୋ ଭୋ ହୋଇ ଭୁକିବା ତୋର ଅଭ୍ୟାସ - ଏକଥା ମୁଁ କେମିତି ଭୁଲି ଯିବି ? ନାରେ ବାବା ନା ତୋତେ ମୁଁ ବାହା ହେବିନି ।' ଏକଥା କହି ସେ ଆଗକୁ ଚାଲିଲା । କିଛିବାଟ ଗଲା ପରେ ତାର ଏକ ମୟୂର ସହ ଦେଖା ହେଲା । ମୟୂର କହିଲା :

**କୁଆଡ଼େ ଯାଉଛୁ ହଲିହଲିକା**
**ସପନ ରାଇଜ ପରୀ**



ଉକୁଣି ଦେବୀ କହିଲା, 'ବାହା ହେବାକୁ ।' ଏକଥା ଶୁଣି ମୟୂର କହିଲା, 'ଏତେ ଡେରି କାହିଁକି କରୁଛୁ ? ମୋତେ ବାହା ହୋଇଯା ।' ଉକୁଣି ଦେବୀ ଆଗପରି କହିଲା, 'ଖାଇବି କ'ଣ ? ପିଇବି କ'ଣ ? ପିନ୍ଧିବି କ'ଣ ?' ମୟୂର କହିଲା :

**ଖାଇବୁ ମୋତି ପିଇବୁ ପାଣି**
**ବାକି ସବୁକଥା ଭୁଲିଯା ରାଣୀ**

ଉକୁଣି ଦେବୀ କହିଲା, 'ତୁ ପୁଚ୍ଛମେଲାଇ ସବୁବେଳେ ରଖିଥାଉ । ମୋର କ'ଣ ଅଛି ? ନାରେ ବାବା ନା, ତୋତେ ବାହା ହୋଇପାରିବିନି ।' ସେ ଆଗକୁ ଚାଲିଲା । କିଛିବାଟ ଗଲାପରେ ଗୋଟାଏ ମଇଁଷି ତାକୁ ପଚାରିଲା :



**କୁଆଡ଼େ ଯାଉଛୁ ହଲିହଲିକା**
**ନୀଳ ସାଗରର ପରୀ**

ଉକୁଣି କହିଲା, 'ବାହା ହେବାକୁ ।' ଏକଥା ଶୁଣି ମଇଁଷି କହିଲା, 'ମୋତେ ବାହା ହ ।' ଉକୁଣି ଦେବୀ ପଚାରିଲା, 'ଖାଇବି କ'ଣ ? ପିଇବି କ'ଣ ? ପିନ୍ଧିବି କ'ଣ ?' ମଇଁଷି କହିଲା :

**ଘାସ ଖାଇବୁ ପିଇବୁ ପାଣି**
**ବାକି ସବୁ କଥା ଭୁଲି ଯା ରାଣୀ**

ଉକୁଣି ଦେବୀ କହିଲା, 'ନାରେ ବାବା ନା । ତୁ ଘାସ ଖା । ତୋତେ ବାହା ହେବା ମୋର ଦରକାର ନାହିଁ ।' ତାପରେ ଉକୁଣି ଦେବୀ ଆଗକୁ ଚାଲିଲା । କିଛିବାଟ ଗଲା ପରେ ଗୋଟାଏ ବଣୁଆ ବିଲେଇ ସହ ଭେଟ ହେଲା । ବିଲେଇ ପଚାରିଲା :

**କୁଆଡେ ଯାଉଛୁ ହଲିହଲିକା**
**ଗେହ୍ଲେଇ ନାନୀ ପରୀ**

ଉକୁଣି ଦେବୀ କହିଲା, 'ବାହା ହେବାକୁ ।' ଏକଥା ଶୁଣି ବଣୁଆ ବିଲେଇ କହିଲା, 'ତାହେଲେ ମୋତେ ବାହା ହ ।' ଉକୁଣି ଦେବୀ କହିଲା, 'ଖାଇବି କ'ଣ ? ପିଇବି କ'ଣ ? ପିନ୍ଧିବି କ'ଣ, ନାଇବି କ'ଣ ?' ବିଲେଇ କହିଲା :

ମାଛ ଖାଇବୁ ପିଇବୁ ପାଣି
ବାକି ସବୁ କଥା ଭୁଲିଯା ରାଣୀ

ଉକୁଣି ଦେବୀ ଆଗପରି କହିଲା, 'ନାରେ ବାବା ନା । ମୁଁ ମାଛ ଖାଏନି । ତୋତେ ବାହା ହେବା ସମ୍ଭବ ନୁହେଁ ।' ସେଠାରୁ ସେ ଆଗକୁ ଗଲା । କିଛି ଦୂର ଗଲା ପରେ ଗୋଟାଏ ମୂଷା ସହ ଭେଟ ହେଲା । ମୂଷା ପଚାରିଲା :

କୁଆଡ଼େ ଯାଉଛୁ ହଲିହଲିକା
ସରଗସୁନ୍ଦରୀ ପରୀ

ଉକୁଣିଟି କହିଲା, 'ବାହା ହେବାକୁ ଯାଉଛି ।' ଏକଥା ଶୁଣି ମୂଷା କହିଲା, 'ମୋତେ ତୁ ବାହା ହୋଇଯା ।' ଉକୁଣି ଦେବୀ କହିଲା, 'ଖାଇବି କ'ଣ, ପିଇବି କ'ଣ ? ପିନ୍ଧିବି କ'ଣ ? ନାଇବି କ'ଣ ?' ମୂଷା କହିଲା :



ପନୀର ଖାଇବୁ ପିଇବୁ ପାଣି
ଶାଢ଼ି ଦେବି, ରେଜେଇ ଦେବି
ତୋତେ ମୁଁ ରାଣୀ

ଏକଥା ଶୁଣି ତତ୍‌କ୍ଷଣାତ୍ ଉକୁଣି ଦେବୀ ଖୁସି ହୋଇ ବରଣମାଳା ମୂଷା ବେକରେ ପକାଇଦେଲା । ମୂଷା ଗୋଟାଏ ଗଛ କୋରଡ଼ରେ ଘର ତିଆରି କଲା ଏବଂ ଉକୁଣି ଦେବୀ ସହିତ ବାସ କଲା । ସେ ପ୍ରତିଦିନ ଗାଁକୁ ଯାଉଥିଲା ଏବଂ ନିଜ ସ୍ତ୍ରୀ ପାଇଁ ବଢ଼ିଆ ବଢ଼ିଆ ଖାଦ୍ୟ ନେଇ ଆସୁଥିଲା । ଉକୁଣି ଦେବୀ ମନେ ମନେ ଭାବୁଥିଲା ମୂଷା ପରି ସ୍ୱାମୀ ଭାଗ୍ୟରେ ଥିଲେ ମିଳେ । ମୁଁ ଖୁବ୍ ଭାଗ୍ୟବତୀ ।



ଟିଭିରେ ବିଜ୍ଞାପନ ଦେଖି ମୂଷା ଦିନେ ପିଜା କିଣିବା ପାଇଁ ସହରରେ ପହଞ୍ଚିଲା । ସେ ରାସ୍ତାପାର ହୋଇ ଗୋଟାଏ ଦୋକାନ ଆଡ଼କୁ ଯାଉଥିଲାବେଳେ ଗାଡ଼ି ଚକା ତଳେ ପଡ଼ିଗଲା ଏବଂ ତାର ମୃତ୍ୟୁ ହେଲା । ଯେତେବେଳେ ଉକୁଣି ଦେବୀ ଜାଣିଲା, ସେ ଛାତି ବାଡ଼େଇ କାନ୍ଦିବାରେ ଲାଗିଲା । ବାହୁନି ବାହୁନି କହୁଥାଏ :

**କୁଆ ପର ନୁହେଁ, କୁକୁର ନୁହେଁ ପର**
**ମୟୂର, ମଇଁଷି, ବିଲେଇ କେହି ନୁହେଁ ପର**
**ହାୟରେ ବିଧାତା ମୂଷା ହେଲା ମୋର ପର**



# ପନ୍ନୀ, ତୁ ସଭିଙ୍କର କାନ ଦେଲୁ କାଟି

ରାମପୁର ନାମକ ଛୋଟ ଗାଁଟିଏ ଥିଲା । ସେ ଗାଁ'ରେ ସାତ ଆଠଟି ଠାକୁର ପରିବାର ଥିଲେ । ବାଡିବଗିଚାରୁ ଯାହାଯାହା ଉତ୍ପାଦନ ହେଉଥିଲା ସେମାନେ ନିଜ ଭିତରେ ବଣ୍ଟାବଣ୍ଟି କରି **ଆନନ୍ଦରେ ଜୀବନ ଯାପନ** କରୁଥିଲେ । ସେହି ଗାଁରେ ପନ୍ନୀ ନାମକ ଗୋଟିଏ ଘୁଷୁରି ପାଲୁଥିବା ସ୍ତ୍ରୀ ଲୋକଟିଏ ମଧ୍ୟ ରହୁଥିଲା । ପନ୍ନୀ କୌଣସି କଥାକୁ ଖାତିର କରୁନଥିଲା । ସେ ଭାରି ମୁହଁଖୋର ଥିଲା । କେହି ଯଦି ତାକୁ କିଛି ଜୋରକରି କହୁଥିଲା ସେ ଏପରି ମୁହତୋଡ୍ ଜବାବ ଦେଉଥିଲା ଯେ କହିବା ଲୋକଟିର ମୁହଁ ଆପେ ଆପେ ବନ୍ଦ ହୋଇଯାଉଥିଲା ।

ଠାକୁର ପରିବାର ଲୋକମାନେ ମଇଁଷି ରଖିଥିଲେ । ପନ୍ନୀ ପାଖରେ ଗୋଟାଏ ମାତ୍ର ମଇଁଷି ଥିଲା । ସେ ବହୁତ ଡଉଲଡାଉଲ ଥିଲା । ମଇଁଷି ବେକରେ ଗୋଟାଏ ଘଣ୍ଟି ବନ୍ଧା ହୋଇଥିଲା । ମଇଁଷି ଚାଲିଲାବେଳେ ଏଇ ଘଣ୍ଟି ଟନ୍‌ଟନ୍ ଶବ୍ଦ କରି ବାଜୁଥିଲା । ପ୍ରତିଦିନ ସକାଳେ ଯେତେବେଳେ ଠାକୁରଙ୍କ ମଇଁଷିମାନେ ଚରିବାକୁ ବାହାରି ଯାଆନ୍ତି; ଠିକ୍ ସେତିକିବେଳେ ପନ୍ନୀ ମଧ୍ୟ ନିଜ ମଇଁଷିକୁ ଧରି ବାହାରି ଯାଏ ।

**ଟନ୍ ଟନ୍ ଟନ୍ ବାଜଇ ଘଣ୍ଟି**
**ମଇଁଷିପଲ ଚରିବାକୁ ଯାଆନ୍ତି**
**ବାଦଶାହି ଚାଲି ଦେଖିବ ଯିଏ**
**ଏମିତି ଠାଣିରେ ଆସନ୍ତି ସିଏ**

ଗାଁ ଲୋକମାନେ ଭାବନ୍ତି ସବୁମଇଁଷି ପନ୍ନୀର ନିଶ୍ଚୟ । ନ ହେଲେ କ'ଣ ସେ ଏମିତି କହିପାରନ୍ତା :

ଟନ୍ ଟନ୍ ଟନ୍ ବାଜଇ ଘଣ୍ଟି
ମଇଁଷି ପଲ ଚରି ଯାଆନ୍ତି
ବାଦଶାହି ଚାଲି ଦେଖିବ ଯିଏ
ଏମିତି ଠାଣିରେ ଆସନ୍ତି ସିଏ

ଠାକୁର ଏମିତି କଥା ଶୁଣିଲା କ୍ଷଣି ରାଗିଯାଇ କହିଲେ, 'ସାମାନ୍ୟ ଛାରପୋକଟାର ସାହସ ଦେଖ – ଯେମିତି ଆମ ମଇଁଷିମାନଙ୍କର ମାଲିକ ସିଏ । ତାକୁ ଗୋଟାଏ ଶିକ୍ଷା ଦରକାର ।'

ସୁଯୋଗ ଦେଖି ପନ୍ନୀର ମଇଁଷିଟିକୁ ଠାକୁର ମାରିଦେଲେ । ନିଶ ମୋଡ଼ି ବ୍ୟଙ୍ଗ କରି କହିଲା, 'ଏବେ ଦେଖିବି ମୂଷାକୁ କିମ୍ବା ବିଲେଇକୁ ନେଇ ଆମ ମଇଁଷି ପଛରେ କେମିତି ଚାଲିବ ।' ପନ୍ନୀ ମଧ୍ୟ କିଛି କମ୍ ନଥିଲା । ସେ ଶପଥ କରି କହିଲା, 'ଏମିତି ଶିକ୍ଷା ଠାକୁରକୁ ଦେବି ଯେ ତା ମୁହଁ କଳା ହୋଇଯିବ ।'

ତା ପରଦିନ ପନ୍ନୀ ଚମାର ପାଖକୁ ଯାଇ ମଲା ମଇଁଷିଟିର ପୂରା ଚମଡ଼ା କାଢ଼ି ନିଜ କାନ୍ଧରେ ରଖି ଜଙ୍ଗଲ ଆଡକୁ ଚାଲିଲା । ସେଠାରେ ଗୋଟାଏ ବରଗଛ ଥିଲା । ଲୋକମାନେ ତାକୁ ଚୋର ବରଗଛ ବୋଲି କହୁଥିଲେ । ଚୋରମାନେ ଚୋରି କରିସାରି ଏହି ବରଗଛ ତଳେ ବସି ଚୋରି ଜିନିଷସବୁକୁ ଭାଗବାଣ୍ଟ କରନ୍ତି । ପନ୍ନୀ ଚମଡ଼ା ସହିତ ଯାଇ ବରଗଛ ଉପରେ ବସିଗଲା । ରାତି ଦୁଇଟା ବେଳେ ଚାରିଜଣ ଚୋର ସେଠାରେ ଆସି ପହଞ୍ଚିଲେ । ସେମାନେ କେହି ଜଣେ ମନ୍ତ୍ରୀଙ୍କର ଘରୁ ଚୋରି କରିଥିଲେ ଏବଂ ସେହି ଚୋରି ଜିନିଷସବୁକୁ ଚାରିଭାଗ କରିବାକୁ ଚାହୁଁଥିଲେ । ଜଣେ ଚୋର କହିଲା, 'କାନଖୋଲି ଶୁଣ । ଭାଗବାଣ୍ଟରେ ଯଦି କେହି ବେଇମାନ କରେ, ତା ମୁଣ୍ଡ ଉପରେ ଆକାଶ ଛିଡ଼ିପଡ଼ିବ ।'



ଭାଗବାଣ୍ଟ ସମୟରେ ଗୋଟାଏ ଚୋର ଅତି ଚତୁରତାର ସହିତ କିଛି ଟଙ୍କା ନିଜ ପଛରେ ଲୁଚାଇ ଦେଇଥିଲା । ପନ୍ନୀ ତାହା ଦେଖି ଦେଇଥିଲା । ତା ଉପରକୁ ମଇଁଷିର ଓଜନିଆ ଚମଡ଼ାଟିକୁ ପକାଇ ଦେଲା । ଚୋର ଡରିଯାଇ କହିଲା, 'ପଳାଇ ଚାଲ, ସତରେ ଆକାଶ ଭାଙ୍ଗି ପଡ଼ିଲା ।' ମୃତ୍ୟୁ ଡରରେ ସେ ଏତେ ଜୋର୍‌ରେ ଦଉଡ଼ିଲା ଯେ ପଛକୁ ଫେରି ମଧ୍ୟ ଚାହିଁଲାନି । କିଛି ସମୟ ପରେ ପନ୍ନୀ ତଳକୁ ଆସିଲା ଏବଂ ସବୁଜିନିଷ ଏକାଠି କରି ନିଜ ଘରେ ପହଞ୍ଚିଲା । ଭିତରପଟୁ ଜଞ୍ଜିର ଲଗାଇଦେଇ ଟଙ୍କାସବୁ ଗଣିବାରେ ଲାଗିଲା । ସୁନାରୂପାର ଶବ୍ଦ ଶୁଣି ପାଖପଡ଼ୋଶୀମାନେ କୁହାକୁହି ହେଲେ, 'ଏଇ ଫକଡ୍‌ରାମ ପାଖରେ ବିଷ ଖାଇବାକୁ ବି ପଇସା ନଥିଲା ଏତେ ଟଙ୍କା କେଉଁଠୁ ଆସିଲା ?'

ତା ପରଦିନ ପନ୍ନୀ କହିଲା, 'ମୋ ମଇଁଷିର ଚମଡ଼ା ବିକିଦେଲି । ସେଥିରୁ ଏହି ଟଙ୍କାସବୁ ପାଇଲି । କ'ଣ ଅବା କହିବି । ସହରରେ ଚମଡ଼ାର ପୁଣି ଏତେ ଦାମ୍ । ମୋର ତ ଗୋଟାଏ ମାତ୍ର ମଇଁଷି ଥିଲା । କେତେ କଷ୍ଟରେ ମୋତେ ଦଶହଜାର ଟଙ୍କା ମିଳିଲା । ଯଦି ଦଶଟା ମଇଁଷି ଥାଆନ୍ତା; ତାହେଲେ ଲକ୍ଷେ ଟଙ୍କା ନିଶ୍ଚୟ ପାଇଥାଆନ୍ତି । ଯଦି ଶହେ ଥାଆନ୍ତା ତାହେଲେ ଆଉ କଥା ନ ଥିଲା ।'

ଠାକୁରର ଆଖି ଆଶ୍ଚର୍ଯ୍ୟରେ ବଡ଼ ହୋଇଗଲା । ସେ ଭାବିଲା ମୁଁ ବି ତା ପରି ହଜାର ହଜାର ଏବଂ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିପାରିବି । ତା ପାଖରେ ତ ଗୋଟାଏ ମାତ୍ର ମଇଁଷି ଥିଲା – ମୋ ପାଖରେ ଶହେ ମଇଁଷି ଅଛି । ସେ ଯଥାଶୀଘ୍ର ସବୁମଇଁଷିଙ୍କୁ ମାରି ଚମଡ଼ା କାଢ଼ିଦେଲା ଏବଂ ଚମଡ଼ାସବୁକୁ ପରିଷ୍କାର କରି ଗାଡ଼ିରେ ଲଦି ଦୋକାନରେ ପହଞ୍ଚିଲା । କିନ୍ତୁ ଏତେ ଗୁଡ଼ାଏ ଚମଡ଼ା କିଏ ବା କିଣନ୍ତା । ବହୁତ କଷ୍ଟରେ ପାଞ୍ଚ ଛଅଟି ଚମଡ଼ା ବିକ୍ରି ହେଲା ଏବଂ କେବଳ ପାଞ୍ଚଶହ ଟଙ୍କା ମିଳିଲା । ଲକ୍ଷେ ଟଙ୍କା ପାଇବାର ସ୍ୱପ୍ନ ଧୂଳିସାତ୍ ହୋଇଗଲା । ବାସ୍ତବତା ଯେତେବେଳେ ସାମ୍ନାକୁ ଆସିଲା ସେମାନେ ସବୁ ବୁଝିପାରିଲେ । ଜଣେ ଠାକୁର ବଡ଼ପାଟି କରି କହିଲା, 'ସେ ସାମାନ୍ୟ ଛାରପୋକଟିଏ ଆମକୁ ଠକାଇ ଦେଲା । ତାକୁ ଉପଯୁକ୍ତ ଶିକ୍ଷା ଦେବା ଦରକାର ।'


ରାତିରେ ପନ୍ନୀର ଝୁମ୍ପୁଡ଼ି ଘର ହୁ ହୁ ହୋଇ ଜଳିଗଲା । ପନ୍ନୀ ପ୍ରତିଜ୍ଞା କରି କହିଲା, 'ମୋର ତ କେବଳ ଝୁମ୍ପୁଡ଼ି ଜଳିଗଲା । ଠାକୁରର କୋଠାଘର ଯଦି ନ ଜଳାଇଛି, ମୋ ନାଁ

ପନ୍ନୀ ଘୁଷୁରିବାଲୀ ନୁହେଁ ।' ପନ୍ନୀ ଝୁମ୍ପୁଡ଼ି ଘରର ପାଉଁଶକୁ ଏକାଠି କରି ବ୍ୟାଗ୍‌ରେ ଭର୍ତ୍ତି କଲା । ଗୋଟାଏ ମୋଟା ଗଧ ଉପରେ ଲଦି ତୀର୍ଥଯାତ୍ରୀମାନଙ୍କ ସାଙ୍ଗରେ ଚାଲିବାକୁ ଲାଗିଲା । ସେହି ତୀର୍ଥଯାତ୍ରୀମାନଙ୍କ ଗହଣରେ ଜଣେ ବୁଢ଼ୀ ଯାଉଥିଲା । ବିଚାରୀ ଚାଲିପାରୁ ନଥିଲା । ତା କାନ୍ଧରେ ଯେଉଁ ଗଣ୍ଠିଲିଟି ଥିଲା ସେଥିରେ ବହୁତ ଅଳଙ୍କାର ଏବଂ ଟଙ୍କା ସୁନା ରହିଥିଲା । ପନ୍ନୀକୁ କାକୁତି ମିନତି କରି କହିଲା ଝିଅ, 'ତୋ ଗଧ ଉପରେ ମୋତେ ଟିକିଏ ବସିବାକୁ ଦେବୁ ?' ପନ୍ନୀ କହିଲା, 'ନିଶ୍ଚୟ ବସିବାକୁ ଦେବି । କିନ୍ତୁ ଏହି ବ୍ୟାଗ୍‌ରେ ମୋର ସାରା ଜୀବନର ଉପାର୍ଜନ ରହିଛି । ଯଦି ତମେ ଗଧ ଉପରେ ବସିଥିଲା ବେଳେ କାହାରି ଅମଙ୍ଗଳ ଚିନ୍ତା କରିବ ; ତେବେ ମୋର ସବୁ ଟଙ୍କା ପାଉଁଶରେ ପରିଣତ ହୋଇଯିବ । ତମେ ଯଦି ନିୟମ କରିବ; ତେବେ ଯାଇ ଗଧ ଉପରେ ତମକୁ ବସିବାକୁ ଦେବି ।' ବୁଢ଼ୀ କହିଲା, 'ମୁଁ କାହିଁକି କାହାର ଅମଙ୍ଗଳ ଚିନ୍ତା କରିବି ? ତୋ ସର୍ତ୍ତରେ ମୁଁ ରାଜି ଅଛି ।'

ସେମାନେ ଆଗକୁ ଚାଲିଲେ । ଚାଲୁଚାଲୁ ଅଯୋଧ୍ୟା ପଡ଼ିଲା । ବୁଢ଼ୀଜଣକ ଗଧ ଉପରୁ ଓହ୍ଲାଇଲାବେଳେ ପନ୍ନୀ କହିଲା, 'ମା' ଟିକିଏ ରୁହ । ମୁଁ ମୋର ଟଙ୍କାସବୁ ଦେଖିନିଏ ।' ବ୍ୟାଗରେ କେବଳ ପାଉଁଶ ଥିଲା । ବ୍ୟାଗ ଖୋଲିବା କ୍ଷଣି ପାଉଁଶ ହିଁ ବାହାରିଲା । ପନ୍ନୀ କହିଲା, 'ମା' ମୋର ସବୁଟଙ୍କା ପାଉଁଶ ହୋଇଗଲା । ସତ କୁହ ଆପଣ କାହା ବିଷୟରେ କିଛି ଖରାପ ଚିନ୍ତା କରିଥିଲେ କି ?' ବୁଢ଼ୀଜଣକ ଖୁବ୍ ସଙ୍କୋଚ ଥିଲା । ସେ କହିଲା, 'ହଁ ଲୋ ଝିଅ, ମୋ ବୋହୂ ବିଷୟରେ ଭଲମନ୍ଦ ଭାବିଥିଲି ।' ପନ୍ନୀ ସଂଗେ ସଂଗେ କହିଲା, 'ତାହେଲେ ତ ସବୁତକ ଟଙ୍କା ତମକୁ ମୋତେ ଦେବାକୁ ପଡ଼ିବ ।' ବୁଢ଼ୀଟି ନିରୁପାୟ ହୋଇ ତା ଗଣ୍ଠିଲିଟି ପନ୍ନୀକୁ ଦେଇଦେଲା । ପନ୍ନୀ ଟଙ୍କାସବୁ ନେଇ ଘରକୁ ଫେରିଲା ଏବଂ କବାଟ ବନ୍ଦ କରି ସେସବୁ ରାତିସାରା ଗଣିବାରେ ଲାଗିଲା । ସକାଳେ ପଡ଼ୋଶୀମାନେ ପଚାରିଲେ, 'ଆରେ ଫକଡ଼ରାମ, ଏତେ ସବୁ ଟଙ୍କା କେଉଁଠୁ ଆଣିଲୁ ?' ପନ୍ନୀ କହିଲା, 'ମୋ ଝୁମ୍ପୁଡ଼ି ଘରର ପୋଡ଼ା ପାଉଁଶକୁ ବିକି ଦେଇ ଏଇସବୁ ଟଙ୍କା ପାଇଲି । ମୋର ତ କିଛି କୋଠାଘର ନଥିଲା, ନହେଲେ ଦଶଲକ୍ଷ ଟଙ୍କା ଥାଆନ୍ତା । ତଥାପି ଲକ୍ଷେ ଟଙ୍କା ମୋ ପାଇଁ କିଛି କମ୍ ନୁହେଁ ।'

ଲୋଭୀ ଠାକୁରମାନଙ୍କ ଆଖି ପୁଣି ବିସ୍ଫାରିତ ହୋଇଗଲା । ସେମାନଙ୍କ ଭିତରୁ ଜଣେ କହିଲା,'ପନ୍ନୀ ଯଦି ଲକ୍ଷପତି ହୋଇପାରୁଛି, ଆମେ କାହିଁକି ନ ହେବା ।' ସେହି ମୁହୂର୍ତ୍ତରେ

କିରାସିନି ଢାଳି ନିଜ ନିଜ କୋଠାଘରେ ନିଆଁ ଲଗାଇଦେଲେ । ଦେଖୁ ଦେଖୁ କୋଠାଘର ସବୁ ଜଳି ପାଉଁଶ ହୋଇଗଲା । ସେ ପାଉଁଶସବୁକୁ ଅଖାରେ ଭର୍ତ୍ତିକରି ସହରକୁ ବିକିବା ପାଇଁ ବାହାରିଗଲେ । ରାସ୍ତାରେ ଡାକ ପକାଇ କହୁଥାଆନ୍ତି, 'ନିଅ ନିଅ ପାଉଁଶତକ ନିଅ ।' ଗୋଟାଏ ବସ୍ତାର ଦାମ କେବଳ ଲକ୍ଷେ ଟଙ୍କା ।' ଏକଥା ଶୁଣି ଲୋକମାନେ ହସିବାରେ ଲାଗିଲେ । ଏମାନଙ୍କ ପରି ପାଗଳ ଆଗରୁ କେବେ କେହି ଦେଖିନଥିବେ । ଜଣେ ବ୍ୟବସାୟୀ ସେମାନଙ୍କ ମୁହଁରେ କହିଲା, 'ଏଇସବୁ ପାଉଁଶକୁ ଦେହରେ ବୋଳିହୋଇ ଗଙ୍ଗାରେ ଯାଇ ବୁଡ଼ି ମର ।' ସାତଜଣଯାକ ଠାକୁର ମୁହଁ ଜାକି ଗାଁକୁ ଫେରିଆସିଲେ । ସେମାନଙ୍କ ଭିତରୁ କେବଳ ଜଣେ



ଠିକ୍ କଥା କହିଲା, 'ଇଏସବୁ ଆମ ଲୋଭର ପରିଣାମ। ଏଥର କେବଳ ଆମ ନାକ କଟିଲାନି, ଆମମାନଙ୍କ ମୁହଁ ମଧ୍ୟ କଳା ହେଲା।'

ଏବେ ସେମାନେ ପନ୍ନୀର କିଛି ବି କ୍ଷତି କରିପାରିଲେ ନାହିଁ କାରଣ ଏମାନେ ସମସ୍ତେ ଗୃହଶୂନ୍ୟ ହୋଇଯାଇଥିଲେ। କିନ୍ତୁ ପନ୍ନୀ ନିଜ ପାଇଁ ଗୋଟିଏ ସୁନ୍ଦର କୋଠାଘର କରିପାରିଥିଲା। ବହୁତ ମାଈ ମଇଁଷି ସହ ଗୋଟାଏ ଅଣ୍ଡିରା ମଇଁଷି ମଧ୍ୟ କିଣିଥିଲା:

**ଟନ୍ ଟନ୍ ଟନ୍ ବାଜଇ ଘଣ୍ଟି**
**ମଇଁଷିପଲ ଚରି ଯାଆନ୍ତି**
**ବାଦଶାହି ଚାଲି ଦେଖିବ ଯିଏ**
**ଏମିତି ଠାଣିରେ ଆସନ୍ତି ସିଏ**

ଆଜି ମଧ୍ୟ ଗାଁରେ ପନ୍ନୀର ଏଇ ସ୍ୱର ଗୁଞ୍ଜରିତ ହେଉଛି।





# ବେଦମ୍ ବେଦୁମା

ବାରିକଟିଏ ଥିଲା । ସେ ଯେକୌଣସି ସବ୍‌ଜାନତା ଠାରୁ କୌଣସି ଗୁଣରେ କମ୍ ନଥିଲା । ଦିନେ ସେ ମେଳା ଦେଖିବା ପାଇଁ ବାହାରିଲା । ବାଟରେ ଗୋଟାଏ ନିଘଞ୍ଚ ଜଙ୍ଗଲ ପଡ଼ିଲା । ବାରିକଟି ଖୁବ୍ ଜୋରରେ ଚାଲିକି ଯାଉଥିଲାବେଳେ ସାମ୍ନାରୁ ବଲୁଆ ବାଘଟିଏ ଆସୁଥିବାର ଦେଖିଲା । ବାରିକଟି ଡରିଗଲା । ସେ ଭାବିଲା ଇଏ ସାକ୍ଷାତ୍ ଯମଦୂତ । ମୋତେ କଞ୍ଚା ଖାଇଯିବ ।

ବାରିକ ଜଣକ ଏକ ଉପାୟ ଚିନ୍ତା କଲା । ଯେମିତି ବଲୁଆ ବାଘଟି ସାମ୍ନାକୁ ଆସିଛି ସେ ଗର୍ଜନ କରି କହିଲା, 'ଆ କୁତ୍ତା, ତୋର ଏତେ ସାହସ ଯେ ତୁ ମୋ ରାସ୍ତାରେ ଛିଡ଼ା ହେଉଛୁ । ଗୋଟାଏ ବାଘକୁ ମୁଁ ବନ୍ଦୀ କରି ରଖିଛି । ଏବେ ତୋ ପାଳି ।' ବାରିକ ଜଣକ ବାଘକୁ କୁତ୍ତା କହିବାରୁ ବାଘଟି ରାଗିଗଲା । ତତ୍‌କ୍ଷଣାତ୍ ବାରିକ ଜଣକ ଅଇନା ବାହାର କରି ମହାବଳ ବାଘ ମୁହଁକୁ ଦେଖାଇଦେଲା । ବାଘଟି ନିଜ ମୁହଁ ଆଇନାରେ ଦେଖି ଭାବିଲା ବାରିକ ଜଣକ ଯମଦୂତ ପରି ମନେ ହେଉଛି । ଗୋଟାଏ ବାଘକୁ ପ୍ରକୃତରେ ବନ୍ଦୀକରି ରଖିଛି । ଏବେ ମୋ ପାଳି । ସେ ଏତେ ଡରିଗଲା ଯେ ଭୟରେ କିଛି ନକରି ଦଉଡ଼ି ପଳାଇଗଲା ।

ଅଇନାଟିକୁ ବ୍ୟାଗରେ ରଖି ବାରିକ ଜଣକ ଆଗକୁ ଚାଲିଲା । ଚାଲୁଚାଲୁ ରାତି ହୋଇଗଲା । ଗୋଟାଏ ଝଙ୍କାଳିଆ ଗଛ ଉପରେ ଯାଇ ବସିରହିଲା । କିଛି ସମୟ ପରେ ବାଘମାନେ ଆସିବାରେ ଲାଗିଲେ । ଅଳ୍ପ ସମୟ ଭିତରେ ବାଘମାନଙ୍କ ପଟୁଆର ଏକାଠି ହେଲେ । ଆଜି ସେଠାରେ ବରଯାତ୍ରୀମାନଙ୍କ ନିମନ୍ତେ ଭୋଜିର ବନ୍ଦୋବସ୍ତ ହୋଇଥିଲା ।

ସେହି ଗହଳିରେ ବେଦୁମା ମଧ୍ୟ ଥିଲା । ଖିଆପିଆ ଚାଲୁଥିଲା । କଥାବାର୍ତ୍ତା ମଧ୍ୟ ଚାଲୁଥିଲା । ତା ଭିତରେ ବେଦୁମା ଗୁଣୁଗୁଣୁ ହୋଇ କହିଲା, 'ଆଜି ସବୁ ବିଗିଡ଼ିଗଲା । ରାସ୍ତାରେ

ମୋ ସହିତ ଏକ ବାରିକର ଦେଖା ହୋଇଥିଲା । ମୁଁ ତା ଉପରକୁ ଝାମ୍ପିବା ଆଗରୁ ସେ ପାଟିକଲା କହିଲା ... ଆ କୁତ୍ତା, ଗୋଟାଏ ବାଘକୁ ମୁଁ ବନ୍ଦୀକରି ରଖିଛି । ଏବେ ତୋ ପାଳି । ଏକଥା କହି ତା ପେଟିରୁ ଗୋଟାଏ ବାଘ ବାହାର କରି ମୋତେ ଦେଖାଇଲା । ମୁଁ ଏତେ ଡରିଗଲି ଯେ



ସଂଗେ ସଂଗେ ପଳାଇ ଆସିଲି ।' ଦ୍ୱିତୀୟ ବାଘ କହିଲା, 'ବାରିକର ପେଟି ଏତେ ଛୋଟ ଯେ ତା ଭିତରେ ଏତେ ବଡ଼ ବାଘ କେମିତି ରହିପାରିବ ?' ବେଦୁମା କହିଲା, 'ମୋ ନିଜ ଆଖିରେ ଦେଖିଛି ।' ତୃତୀୟ ବାଘ କହିଲା, 'ଖାଇଭାଲୁ, ତୁ ତ ଜନ୍ମରୁ ଡରୁଆ । ତୋ ସ୍ଥାନରେ ମୁଁ ଥିଲେ ତାକୁ କଞ୍ଚା ଖାଇଯାଇଥାଆନ୍ତି ।'

ବାଘମାନଙ୍କର କଥା ଶୁଣି ବାରିକର ଝାଳ ବାହାରି ପଡ଼ିଲା । ସେ ଏତେ ଜୋର୍‌ରେ ଥରିବାକୁ ଲାଗିଲା ଯେ ଗଛଡ଼ାଳ ହଲିବାରେ ଲାଗିଲା । ପାଖ ଡାଳରେ ମାଙ୍କଡ଼ଟିଏ ଶୋଇଥିଲା । ଡାଳ ହଲିବା ଦ୍ୱାରା ସେ ତଳେ ଯାଇ ପଡ଼ିଲା । ଠିକ୍ ସେତିକିବେଳେ ବାରିକଟି ସୁଯୋଗ ଉଣ୍ଡି ବଡ଼ ପାଟିରେ କହିଲା, 'ସେ ବାଘକୁ ଶୀଘ୍ର ଯାଇ ଧର, ନିଜକୁ ବଡ଼ ଚାଲାକ ଭାବୁଛି ସେ । ଖବରଦାର ଯଦି ଛାଡିଛୁ ତାକୁ ।' ଏକଥା ଶୁଣି ବେଦୁମା କହିଲା, 'ମୁଁ କହୁ ନଥିଲି କେହି ଜଣେ ବାଘମାନଙ୍କୁ ଧରିବା ପାଇଁ ଆସିଛି ।' ମାଙ୍କଡ଼ଟି ତା'ରି ଉପରେ ଯାଇ ପଡ଼ିଲା । ସେ ପଲଟିଖାଇ ନ ଦେଖି ନ ଚାହିଁ ଦଉଡ଼ିବାକୁ ଲାଗିଲା । ତା ପଛରେ ବାଘସବୁ ମଧ୍ୟ ଦଉଡ଼ିଲେ । କିଛି ସମୟ ପରେ ପଡ଼ିଆ ଶୁନ୍‌ଶାନ୍ ହୋଇଗଲା । ସକାଳ ହେଲାମାତ୍ରେ ବାରିକଟି ଗଛରୁ ଓହ୍ଲାଇ ମେଳାରେ ଯାଇ ପହଞ୍ଚିଲା ।





## ଉଚ୍ଚମନା ଭଉଣୀ

ଭାଇ ଭଉଣୀ ଦୁଇଜଣ ଥିଲେ । ଶୈଶବରୁ ସେ ଦୁହିଁଙ୍କର ବାପାମାଆ ମରିଯାଇଥିଲେ । ଘରେ ଥରୁଟିଏ ଖାଇବା ପାଇଁ ରୋଟି ଖଣ୍ଡିଏ ମଧ୍ୟ ନଥିଲା । ସେଥିପାଇଁ ଭାଇ ଭଉଣୀ ଦୁହେଁ ଗୁଜରାଣ ମେଣ୍ଟାଇବା ପାଇଁ ଅନ୍ନସଂସ୍ଥାନ ନିମନ୍ତେ ବାହାରିପଡ଼ିଲେ । ଚାଲୁଚାଲୁ ବାଟରେ ଗୋଟିଏ ସହର ପଡ଼ିଲା । ସହର ଶେଷମୁଣ୍ଡରେ ଗୋଟିଏ ବଗିଚା ଥିଲା । ସଞ୍ଜ ହୋଇ ଯାଇଥିଲା । ଭାଇ ଭଉଣୀ ଦୁହେଁ ରାତି କଟାଇବା ପାଇଁ ସେଠାରେ ରହିଗଲେ । ବେଶୀ ରାତି ହେବାରୁ ଭଉଣୀଟିକୁ ଭୀଷଣ ଭୋକ ଲାଗିଲା । ସେ କାନ୍ଦିବାକୁ ଲାଗିଲା । ଭାଇ ଛିଡ଼ା ହେଉ ହେଉ କହିଲା, 'କାନ୍ଦନାରେ ମୋ ସୁନା ଭଉଣୀ । ମୁଁ ସହର ଭିତରକୁ ଯାଇ ତୋ ପାଇଁ କିଛି ଖାଇବା ନେଇ ଆସୁଛି ।' କିନ୍ତୁ ସହର ଭିତରକୁ ଯିବା ପାଇଁ ସଦର ଫାଟକ ବନ୍ଦ ହୋଇଯାଇଥିଲା । ସେ ବାହାରେ ସେମିତି ବସି ରହିଲା ।

ସେ ରାଜ୍ୟର ରାଜା ସେହିଦିନ ରାତିରେ ମରିଯାଇଥିଲେ । ରାଜାଙ୍କର ସନ୍ତାନସନ୍ତତି ନ ଥିଲେ । ସେଥିପାଇଁ ମନ୍ତ୍ରୀମାନଙ୍କ ସାମ୍ନାରେ ପ୍ରଶ୍ନ ଥିଲା କାହାକୁ ରାଜ ସିଂହାସନରେ ବସାଇବେ । ସମସ୍ତ ସଭା ପରିଷଦ ଆଲୋଚନା କରି ସ୍ଥିର କଲେ ଯେ ସକାଳେ ସଦର ଫାଟକ ଖୋଲିବା କ୍ଷଣି ଯାହାକୁ ପ୍ରଥମେ ସେମାନେ ଦେଖିବେ; ସେହି ବ୍ୟକ୍ତିଟିକୁ ସିଂହାସନରେ ବସାଇବେ ।

ଭୋର ହେଲା । ସମସ୍ତେ ସଦର ଦରଜା ଖୋଲିବାକୁ ଚାଲିଲେ । ଦରଜା ଖୋଲା ହେଲା ମାତ୍ରେ ସେଇ ପିଲାଟି ଆଖିରେ ପଡ଼ିଲା । ତାକୁ ଆଦର ଅଭ୍ୟର୍ଥନା କରି ରାଜପ୍ରାସାଦ ଭିତରକୁ ଆଣିଲେ ଏବଂ ତା ମୁଣ୍ଡରେ ରାଜମୁକୁଟ ପିନ୍ଧାଇଲେ । ହଠାତ୍ ରାଜ୍ୟ ଲାଭ ହେତୁ ଭାଇଟି ଏତେ ଖୁସି ହୋଇଗଲା ଯେ ଭଉଣୀ କଥା ସମ୍ପୂର୍ଣ୍ଣ ଭୁଲିଗଲା । ଏପଟେ ବଗିଚାରେ ବସି ଭଉଣୀଟି

ଭାଇର ବାଟକୁ ଅନାଇ ରହିଥିଲା । ଦ୍ୱିପ୍ରହର ଆସି ହେଲା, କିନ୍ତୁ ଭାଇ ଫେରିଲାନି । ଭୋକ ଶୋଷ ଭୁଲି ସେ ଭାଇ ଭାଇ ଡାକି କାନ୍ଦିବାରେ ଲାଗିଲା । କିଛି ସମୟ ପରେ ସେଠାରେ ଗୋଟିଏ ମାଳୀ ଆସି ପହଞ୍ଚିଲା । ଯେତେବେଳେ ସେ ସବୁକଥା ଶୁଣିଲା ସେ କହିଲା, 'ତୋ ଭାଇ କୁଆଡ଼େ ହଜି ଯାଇଛି' ତୁ ମୋ ସାଙ୍ଗରେ ଘରକୁ ଚାଲ । ମୋର କୌଣସି ସନ୍ତାନ ନାହାନ୍ତି । ତୁ ମୋ ଝିଅ ହୋଇ ରହିବୁ ।'

ଭଉଣୀ କାନ୍ଦିକାନ୍ଦି ମାଳୀ ସହିତ ତା କୁଡ଼ିଆକୁ ଗଲା ଏବଂ ଝିଅ ହୋଇ ରହିଲା । ତା ସହିତ ଭାଇର ଖୋଜ ଖବର ମଧ୍ୟ ନେବାକୁ ଆରମ୍ଭ କଲା । ଦିନେ ସେ ଜାଣିବାକୁ ପାଇଲା ଯେ ତା ଭାଇ ରାଜା ହୋଇ ଆନନ୍ଦରେ ଅଛି । ସେ ଚୁପଚାପ୍ ରହିଲା । କାରଣ ରାଜା ପାଖକୁ ଯିବା ଅସମ୍ଭବ ଥିଲା ।

ଦିନେ ରାଜା ହାତୀ ଉପରେ ବସି ବୁଲିବାକୁ ବାହାରିଲେ । ରାସ୍ତାରେ ମାଳୀର ଝିଅକୁ ସେ ଦେଖିଲେ । ଝିଅଟି ବଡ଼ ହୋଇଯାଇଥିଲା । ତେଣୁ ମାଳୀକୁ ରାଜ ଉଆସକୁ ଡାକି କହିଲେ, 'ତମ ଝିଅର ବିବାହ ମୋ ସହିତ କରିବାରେ କିଛି ଆପତ୍ତି ଅଛିକି ?' ମାଳୀ ଗଦଗଦ ହୋଇଯାଇ




କହିଲା ମହାରାଜ, 'ଆପଣଙ୍କ ପରି ଜୋଇଁ ପାଇବା ମୋ ପାଇଁ ସୌଭାଗ୍ୟର କଥା।' ମାଳୀର ଝିଅ ଜାଣିଥିଲା ଯେ ସ୍ୱୟଂ ରାଜା ତାର ଆପଣାର ଭାଇ। ସେ ବିବାହ କରିବା ପାଇଁ ମନା କରିଦେଲା। କିନ୍ତୁ ମାଳୀଟି ଝିଅଟିର କଥା ଶୁଣିଲାନି। ଓଲଟା କହିଲା, 'ତୋ ବୁଦ୍ଧି ପୋଡ଼ିଗଲାଣି। ରାଜାଙ୍କୁ ବାହା ହୋଇ ତୁ ରାଣୀ ହେବୁ। ବିବାହ ନିଶ୍ଚୟ ହେବ।' ବିବାହ ଶୁଭଦିନ ଠିକ୍ ହେଲା। ମାଳୀ ତା ଝିଅକୁ ବିବାହ ବେଦୀରେ ବସାଇଲା। ଯେତେବେଳେ ରାଜା ତା ପାଖରେ ବସିବାକୁ ଗଲେ ସେ କହିଲା :

**ବେଦୀରେ ନ ବସ ନ ବସ ଆଗୋ ମୋ ଭାଇ**
**ଗୋଟିଏ ମାଆର ସନ୍ତାନ ଆମେ ଦୁଇ**
**ବଗିଚା ଭିତରେ ଭୋକିଲା ଥିଲି ମୁଁ ରହି**
**ତୁମେ ଯାଇଥିଲ ଖାଇବା ଆଣିବା ପାଇଁ**

ରାଜା କିଛି ବୁଝିପାରିଲେନି। ପୁଣି ଥରେ ଆସନ ଉପରେ ବସିବାକୁ ଗଲାବେଳେ ଭଉଣୀ ମନେ ପକାଇଦେଲା :


**ବେଦୀରେ ନ ବସ ନ ବସ ଆଗୋ ମୋ ଭାଇ**
**ଗୋଟିଏ ମାଆର ସନ୍ତାନ ଆମେ ଦୁଇ**
**ବଗିଚା ଭିତରେ ଭୋକିଲା ଥିଲି ମୁଁ ରହି**
**ତୁମେ ଯାଇଥିଲ ଖାଇବା ଆଣିବା ପାଇଁ**

ରାଜା ଛିଡ଼ାହୋଇ ଭାବିବାକୁ ଲାଗିଲେ। ଶୁଭ ବେଳାଟାରେ ଝିଅଟି ଏମିତି ଏଣୁତେଣୁ କାହିଁକି ବକୁଛି। ବଧୂ ବେଶରେ ଝିଅଟିକୁ ଦେଖି ଚିହ୍ନି ପାରି ରାଜା ନିଜକୁ ଧିକ୍କାର କଲେ ଏବଂ ନିଜ ଭଉଣୀକୁ କ୍ଷମା ମାଗିଲେ। ଭଉଣୀଟି ଉଚ୍ଚ ଭାବନାରେ ଭାଇଟିକୁ କ୍ଷମା କରିଦେଲା। ରାଜା ଭଉଣୀଟିକୁ ଆଦରରେ ଆଣି ରାଜପ୍ରାସାଦରେ ରଖିଲେ। ନିଜ ଭାଇ ସହିତ ଭଉଣୀ ଜଣକ ରାଜଉଆସରେ ଆନନ୍ଦରେ ରହିଲା।



## ବକ୍‌ବକ୍

ଗୋଟିଏ ରାତିର କଥା । ଚାର୍ ତିନ୍ ସାତ୍ ।
ବାରହାତ ଲମ୍ବ ବରକୋଳିର କଣ୍ଟା
ତା ଉପରେ ଥିଲା ତିନୋଟି ଗାଁର ବସତି ।
ଦୁଇଟା ଗାଁ ସେମିତି ଖାଲି ଥିଲା । ଗୋଟିଏ ଗାଁରେ ଜନବସତି କିଛି ବି ନ ଥିଲା ।
ସେଠାରେ ଚତୁର ଲୋକ ତିନିଜଣ ରହୁଥିଲେ ।
ଦୁଇଜଣ ଥିଲେ ମୂର୍ଖ । ଆଉ ଜଣଙ୍କର କିଛି ଜ୍ଞାନ ନଥିଲା ।
ସେମାନଙ୍କ ଘରେ ତିନୋଟି ଦୁଧିଆଳୀ ଗାଈ ଥିଲେ ।
ଦୁଇଟା ଥିଲେ କଙ୍କାଳସାର ଏବଂ ଅନ୍ୟଟି କ୍ଷୀର ଦେଉନଥିଲା ।
ସେମାନଙ୍କର ତିନୋଟି ସୁନ୍ଦର ବାଛୁରି ଥିଲେ –
ଦୁଇଟା ବାଛୁରି ଥିଲେ ଅନ୍ଧ ଏବଂ ଅନ୍ୟ ବାଛୁରିଟିର ଆଖି ନ ଥିଲା ।
ସେମାନେ ତିନୋଟି ସବୁଜ ଚରାଭୂଇଁ ଖୋଜୁଥିଲେ
ଦୁଇଟା ଥିଲା ଶୁଖିଲା ଏବଂ ଆରଟିରେ ଘାସ ବି ଟିକିଏ ନଥିଲା ।



## ଶିକ୍ଷକ ଭାଇ-ଭଉଣୀମାନଙ୍କୁ

ନିଅନ୍ତୁ, ଏଇ  ହେଉଛି ପିଲାମାନଙ୍କ ପାଇଁ କାହାଣୀ କେତୋଟି । ଆପଣ ପିଲାମାନଙ୍କୁ ଏହାକୁ ଶୁଣାନ୍ତୁ । ପିଲାମାନେ ଏହାକୁ ଶୁଣି ଖୁସି ହେବେ ଓ ବାରମ୍ୱାର ଶୁଣିବେ । ଆପଣ ଏହାକୁ ରସାଳ ଢଙ୍ଗରେ କହନ୍ତୁ, ସହଜ ଓ ସରଳ ଉପାୟରେ କହନ୍ତୁ । କାହାଣୀ  ଏମିତି ବାଛନ୍ତୁ, ଯାହା ପିଲାମାନଙ୍କର ବୟସକୁ ବି ଖାପ ଖାଉଥିବ । ଭାଇ, ଗୋଟିଏ କାମ କେବେ କରିବେ ନାହିଁ । ଏଇ କାହାଣୀ ଆପଣ ପିଲାମାନଙ୍କୁ କଣ୍ଠସ୍ଥ କରିବାକୁ କହିବେ ନାହିଁ, ବରଂ ପ୍ରଥମେ ଆପଣ ଅନୁଭବ କରନ୍ତୁ ଯେ କାହାଣୀସବୁ ଯାଦୁବିଦ୍ୟାର ବାଡ଼ିପରି ।

ଯଦି ଆପଣ ପିଲାମାନଙ୍କ ସହିତ ଭଲ ପାଇବାର ସମ୍ପର୍କ ରକ୍ଷା କରିବାକୁ ଚାହାନ୍ତି, ତେବେ ତାଙ୍କର ମୂଳଦୁଆ କାହାଣୀରୁ ଆରମ୍ଭ କରନ୍ତୁ । ଆପଣ ଯଦି ଚାହାନ୍ତି ପିଲାମାନେ ଆପଣଙ୍କୁ ଭଲ ପାଆନ୍ତୁ, ତେବେ ଏହି କାହାଣୀ ହେଲା ତା'ର ଏକ ମାଧ୍ୟମ । ପଣ୍ଡିତ ହୋଇ ସେମାନଙ୍କୁ କେବେ ବି କାହାଣୀ ଶୁଣାଇବେ ନାହିଁ । ସେମାନଙ୍କ ପାଇଁ ଏହା ଯେପରି କଷ୍ଟ ନହୁଏ, ଏ ଦିଗରେ ଚେଷ୍ଟା କରିବେ । ସେମାନଙ୍କ ଉପରେ ଏହାକୁ ଲଦିଦେବେ ନାହିଁ । ଇଏତ ବହି ଯାଉଥିବା ଗଙ୍ଗା । ପ୍ରଥମେ ଆପଣ ଏଥିରେ ବୁଡ଼ ପକାନ୍ତୁ ; ପୁଣି ପିଲାମାନଙ୍କୁ ସ୍ନାନ କରାଇ ନିଅନ୍ତୁ ।

ଗିଜୁଭାଇ





nbt.india
एकः सूते सकलम्
ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

₹ 70.00
ISBN 812375908-8
9 788123 759081
20211515
Bedam Beduma *(Odia)*

